## ସଂକ୍ଷେପରେ

### ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ

**ଭଦ୍ରକ ଅଫିସ,୧୧।୧**- ୩୧ତମ ସଡ଼କ ସୁରକ୍ଷା ସପ୍ତାହ ଶନିବାର ଆରମ୍ଭ ହୋଇଛି। ଭଦ୍ରକ ଚରମ୍ପା ରିଜର୍ଭ ପୋଲିସ ପଡ଼ିଆରେ ଜିଲା ପ୍ରଶାସନ ଓ ପରିବହନ ବିଭାଗ ମିଳିତ ଉଦ୍ୟମରେ ଆୟୋଜିତ ସଚେତନତା ରାଲିକୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ପରିବହନ ଅଧିକାରୀ ବିରଞ୍ଚି ନାରାୟଣ ଅଧିକାରୀ, ଏସ୍‌ପି ରାଜେଶ ପଣ୍ଡିତ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ନୂତନ ମୋଟର ଯାନ ଆଇନ ସମ୍ପର୍କରେ ସଚେତନ କରାଇଥିଲେ। ଏହି ଅବସରରେ ଏକ ଭ୍ରାମ୍ୟମାଣ ସଚେତନତା ରଥକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ବନ୍ତ ଛକ ବସ୍‌ଷ୍ଟାଣ୍ଡ ନିକଟରେ ପହଞ୍ଚିଥିଲା। ସେଠାରେ ବସ୍ ସିଣ୍ଡିକେଟ୍ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସମେତ ଜିଲାପାଳ, ପରିବହନ ଅଧିକାରୀ, ଏମ୍‌ଭିଆଇ ପ୍ରମୁଖ ଉପସ୍ଥିତ ଥିଲେ। ବସ୍ ସିଣ୍ଡିକେଟ୍ ପକ୍ଷରୁ ଶ୍ରୀନିବାସ ପତି, ଦାମୋଦର ପଟ୍ଟନାୟକ, ନିଶିକାନ୍ତ ପଣ୍ଡା, କୈଳାସ ଚନ୍ଦ୍ର ସାହୁ, ଲକ୍ଷ୍ମଣ ଚନ୍ଦ୍ର ସାହୁଙ୍କ ସହଯୋଗରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

### ଶହୀଦ ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ

**ପଦ୍ମପୁର,୧୧।୧(ଡି.ଏନ.ଏ.)**- ବାସୁଦେବପୁର ବ୍ଲକ ରାଜଘରପୋଖରୀ ଗ୍ରାମର ଶହୀଦ ଯବାନ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରାଜଘରପୋଖରୀଠାରେ ପ୍ରଥମେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଶହୀଦଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି ଅବସରପ୍ରାପ୍ତ ସୈନିକ ଓ ଜନସାଧାରଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟର ଏନ୍‌ସିସି କ୍ୟାଡେଟ୍‌ମାନେ ପରେଡ୍ ମାର୍ଚ୍ଚ କରି ଶହୀଦ ନାୟକଙ୍କ ସମାଧିରେ ସମ୍ମାନ ଜଣାଇଥିଲେ। ପରେ ଆୟୋଜିତ ସଭାରେ ନିରଞ୍ଜନ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଭଦ୍ରକ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରୋହିତ ରାୟ, ବାସୁଦେବପୁର ସୈନିକ ସଂଘର ସଭାପତି ଶରତ ନାୟକ, ସାମାଜିକ କର୍ମୀ ବନଲତା ଜେନା, ଅସିତ ନାୟକ ଓ ଭୋଳାନାଥ ନାୟକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶହୀଦଙ୍କ ସମ୍ମାନାର୍ଥେ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଉପସ୍ଥିତ ଅତିଥିମାନେ ମତାମତ ଦେଇଥିଲେ। ତହସିଲଦାର ପାଣିଗ୍ରାହୀ ବିଧିବଦ୍ଧ ଭାବେ ଏଥିପାଇଁ ଲିଖିତ ଆବେଦନ କରିବାକୁ ପ୍ରସ୍ତାବ ଦେବା ସହ ପ୍ରଶାସନ ପକ୍ଷରୁ ଆବଶ୍ୟକ ସହାୟତା ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କୈଳାସ ଚନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ତିହିଡ଼ିରେ କୋର୍ଟ ପ୍ରତିଷ୍ଠାରେ ବିଳମ୍ବ

**ତିହିଡ଼ି,୧୧।୧(ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ିରେ ସିଭିଲ ଜଜ୍ ଜୁନିୟର ଡିଭିଜନ ଓ ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ନେଇ ପ୍ରଶାସନ ପକ୍ଷରୁ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଶନିବାର ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ତିହିଡ଼ି ଓକିଲ ସଂଘ ଆହ୍ୱାନକ୍ରମେ ଆୟୋଜିତ ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କ ସମେତ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଓକିଲ ସଂଘର ସଭାପତି ସୂର୍ଯ୍ୟ ରଞ୍ଜନ ମିଶ୍ର ଏଥିରେ ପୌରୋହିତ୍ୟ କରିଥିଲେ। ସଂଘର ସମ୍ପାଦକ ବିଷ୍ଣୁ ଦାଶ ଦର୍ଶାଇଥିଲେ ଯେ, ତିହିଡ଼ିରେ କୋର୍ଟ ପ୍ରତିଷ୍ଠା ପାଇଁ ୨୦୧୬ରେ ଓକିଲ ସଂଘ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। ହାଇକୋର୍ଟଙ୍କ ପକ୍ଷରୁ ୨୦୧୭ ଜାନୁୟାରୀ ୩ରେ ତିହିଡ଼ିରେ କୋର୍ଟ ଖୋଲିବା ସକାଶେ ଭଦ୍ରକ ଜିଲା ଜଜ୍‌ଙ୍କୁ ଜଣାଯାଇଥିଲା। ଜିଲା ଜଜ୍ କୋର୍ଟ ରେଜିଷ୍ଟ୍ରାର ଜାନୁୟାରୀ ୭ରେ ତିହିଡ଼ିରେ ୩ ବର୍ଷରେ କେତେ ମକଦ୍ଦମା ବିଚାରଯୋଗ୍ୟ ରହିଛି ସେ ସମ୍ପର୍କରେ ସୂଚନା ଦେବାକୁ ସମସ୍ତ କୋର୍ଟକୁ ଅବଗତ କରାଇଥିଲେ। ଏଥିସହ ଜିଲାପାଳଙ୍କୁ ମଧ୍ୟ କୋର୍ଟ ନିମିତ୍ତ ଆବଶ୍ୟକ ସରକାରୀ ବା ବେସରକାରୀ ଗୃହ ସମ୍ପର୍କରେ ସୂଚନା ଦେବାକୁ ଜଣାଇଥିଲେ। ପରେ ଜିଲାପାଳ ସେହିମାସ ୧୯ ତାରିଖରେ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଏବଂ ତହସିଲଦାରଙ୍କୁ ଜଣାଇଥିଲେ। ମାତ୍ର ଏହା ଏଯାଏ କାର୍ଯ୍ୟକାରୀ ହୋଇପାରି ନ ଥିବା ସମ୍ପାଦକ ଦାଶ କହିଛନ୍ତି। ବୈଠକରେ ଆଲୋଚନା ପରେ ଭାଟପଡ଼ା ମୌଜାରେ ନିରୂପଣ ହୋଇଥିବା ସ୍ଥାନ ସମ୍ପର୍କରେ ଜଜ୍ କୋର୍ଟ ରେଜିଷ୍ଟ୍ରାରଙ୍କ ସମେତ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ସ୍ଥିର ହୋଇଛି।

ଆଇନଜୀବୀ ସତ୍ୟସୁନ୍ଦର ପତି, ଗୌରହରି ମହାନ୍ତି, ତପନ ମିଶ୍ର, ହିମାଂଶୁ ଭଟ୍ଟାଚାର୍ଯ୍ୟ, ବିଜେଡି ବ୍ଲକ ସଭାପତି ରଘୁନାଥ ପଣ୍ଡା, ଭାଜପା ନେତା ରଘୁନାଥ ପାତ୍ର, ସିପିଆଇର ସନ୍ଥ ଚରଣ ବିଶ୍ୱାଳ, ସିପିଏମ୍‌ର ନିର୍ମଳ ଦଳାଇ, ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ, ହିମାଦ୍ରି ରାଉତରାୟ, ରତିକାନ୍ତ ଦାସ, ମଦନମୋହନ ପଣ୍ଡା, କୈଳାସ ବେହେରା, ଧ୍ରୁବଚରଣ ପାଣିଗ୍ରାହୀ ଓ କୃପାସିନ୍ଧୁ ଦାଶ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ସର୍ବଦଳୀୟ ବୈଠକରେ ଯୋଗ ଦେଇଥିବା ଆଇନଜୀବୀ ଓ ଅନ୍ୟମାନେ।

# ବାସୁଦେବପୁରରୁ ୩ ଓଏଏସ୍

**ପଦ୍ମପୁର, ୧୧।୧(ଡି.ଏନ.ଏ.)**

ଚଳିତବର୍ଷ ଓଏଏସ୍ (ଓଡ଼ିଶା ପ୍ରଶାସନିକ ସେବା) ପରୀକ୍ଷାରେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକରୁ ପ୍ରଥମଥର ଏକାସଙ୍ଗେ ୩ ଯୁବକ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ବାଲିମୁଣ୍ଡା ଗ୍ରାମର ସମରଜିତ ନାୟକ (୨୯), ଜଗନ୍ନାଥପ୍ରସାଦ ପଞ୍ଚାୟତ ଜୟକୃଷ୍ଣପୁର ଗ୍ରାମର ରାଜା ରଣଜିତ୍ ପ୍ରତାପ ବଳ(୨୯) ଓ ସୁଗୋ ଗ୍ରାମର ରାହୁଲ ମଣ୍ଡଳ(୨୫)। ସମରଜିତ ଏହି ପରୀକ୍ଷାରେ ୪୯ ତମ ସ୍ଥାନ ହାସଲ କରିଛନ୍ତି। ସେ ବିଟେକ୍ ପରେ ଭୁବନେଶ୍ୱର ଇନ୍‌ଫୋସିସ୍‌ରେ ଚାକିରି କରି ଓଏଏସ୍ ପାଇଁ ପ୍ରସ୍ତୁତ ହେଉଥିଲେ। ପ୍ରଥମ ପ୍ରଚେଷ୍ଟାରେ ଏହି ସଫଳତା ଅର୍ଜନ କରିଥିବାରୁ ଅଞ୍ଚଳର ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମରଜିତ୍‌ଙ୍କ ବାପା ରାଜେନ୍ଦ୍ର ନାୟକ ଜୀବନ ବୀମାରେ କାର୍ଯ୍ୟ କରୁଥିବାବେଳେ ମା' ମଞ୍ଜୁଲତା ଗୃହିଣୀ। ସେହିଭଳି ରାଜା ରଣଜିତ୍ ଦ୍ୱିତୀୟ ଥରରେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଗତବର୍ଷ ତାଙ୍କର ର୍ୟାଙ୍କ ୬୪ ଥିଲା। ଚଳିତବର୍ଷ ର୍ୟାଙ୍କ ୨୫ରେ ଅଛନ୍ତି। ତାଙ୍କ ବାପା ଭାଗୀରଥି ବଳ ପୂର୍ବତନ ସରପଞ୍ଚ ଓ ମା' ମଞ୍ଜୁଲତା ଏବେ ଜିଲା ପରିଷଦ ସଭ୍ୟା ଭାବେ କାର୍ଯ୍ୟ କରୁଛନ୍ତି। ରାଜନୈତିକ ପରିବାରରୁ ଆସିଥିଲେ ମଧ୍ୟ ନିଜର ଅକ୍ଲାନ୍ତ ଉଦ୍ୟମ ବଳରେ ରାଜା ସଫଳତା ପାଇଥିବା କହିଛନ୍ତି।

ଆଉ ଜଣେ ସଫଳ ପ୍ରତିଯୋଗୀ ରାହୁଲ ଓୟୁଏଟିରେ ସଫଳତାର ସହ ଶିକ୍ଷାଲାଭ ପରେ ଏବେ ଦିଲ୍ଲୀଠାରେ ଭାରତୀୟ କୃଷି ଗବେଷଣା ଅନୁଷ୍ଠାନରେ ପିଏଚ୍‌ଡି ଅଧ୍ୟୟନରତ। ସେ ଓଏଏସ୍ ପରୀକ୍ଷାରେ ୭୧ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ବାପା ଜଣେ ବ୍ୟାଙ୍କ କର୍ମଚାରୀ ଓ ମା' କମଳିନୀ ଗୃହିଣୀ। କୃତୀ ୩ ପରୀକ୍ଷାର୍ଥୀ ସଫଳତା ଲାଗି ମାତାପିତା, ଶିକ୍ଷକ ଓ ଶୁଭେଚ୍ଛୁମାନଙ୍କୁ ଶ୍ରେୟ ଦେଇଛନ୍ତି। ଆଗକୁ ଯାଇ ପ୍ରଶାସନିକ ସେବାରେ ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟରେ ସରକାରଙ୍କ ଉପଲବ୍ଧ ଯୋଜନା ଓ ସହାୟତା ଯୋଗାଇ ଦେବା ପାଇଁ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି ସେମାନେ ପ୍ରତିକ୍ରିୟାରେ କହିଛନ୍ତି।


ସମରଜିତ ନାୟକ


ରାଜା ରଣଜିତ୍ ପ୍ରତାପ ବଳ


ରାହୁଲ ମଣ୍ଡଳ

## ଦିବାକର ମେମୋରିଆଲ ଫୁଟବଲ
## ଫାଇନାଲରେ ଖଡ଼ଗପୁର ଏକାଦଶ

**ବାସୁଦେବପୁର,୧୧।୧(ଡି.ଏନ.ଏ.)**

ବାସୁଦେବପୁର ସୁଙ୍ଗୁଡ଼ା ଗ୍ରାମସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୩୩ତମ ଆନ୍ତଃରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ ମ୍ୟାଚ୍‌ରେ ଖଡ଼ଗପୁର ଏକାଦଶ ଖୋର୍ଦ୍ଧା ଆରିଆନା କ୍ଲବକୁ ହରାଇ ଫାଇନାଲକୁ ପ୍ରବେଶ କରିଛି। ଖଡ଼ଗପୁର ଏକାଦଶ ସୁନ୍ଦର ଖେଳ ପ୍ରଦର୍ଶନ କରି ବିପକ୍ଷ ଦଳକୁ ୨ଟି ଗୋଲ ଦେଇ ୨−୦ ଗୋଲରେ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ତ୍ୟାଗଭୂମି ସଭାପତି ଅଜୟ କୁମାର ନାୟକ, ବିଶିଷ୍ଟ ଅତିଥି ଥାଇରୋକେୟାରର ରିଜୋନାଲ ମ୍ୟାନେଜର ବିରେନ୍ଦ୍ର କୁମାର ନାୟକ ଏବଂ ଅନ୍ୟତମ ଅତିଥି ଭାବେ ଯାତ୍ରା କଳାକାର ଗୌର ଦାସ, ଯୁବନେତା ଦେବଦର୍ଶନ ଦାଶ, ତୃପ୍ତି ମହିଳା କଲେଜର ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ଯୋଗ ଦେଇଥିଲେ। ରବିବାର ଖଡ଼ଗପୁର ଏକାଦଶ ଓ ରାଜଘାଟ ଜଳେଶ୍ୱର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍‌କୁ ସାଫଲ୍ୟ ମଣ୍ଡିତ କରିବାକୁ କ୍ଲବ ସଭାପତି ଗୌରାଙ୍ଗ ବେହେରା ଓ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଦର୍ଶକଙ୍କୁ ନିବେଦନ କରିଛନ୍ତି।

## ■ ବିଦ୍ୟାଳୟର କ୍ରୀଡ଼ା ପ୍ରତିଯୋଗିତା
# ସିନିୟରରେ ଏଲିନା, ଜୁନିୟରରେ ରଶ୍ମିବାଳା ଚାମ୍ପିୟନ

**ଭଣ୍ଡାରିପୋଖରୀ,୧୧।୧(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପହୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଶହେରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ମ୍ୟୁଜିକ୍ ଚେୟାର, ଦୌଡ଼, ସ୍ଲୋ ସାଇକେଲ ରେସ୍ ଓ ଡିସ୍‌କସ ଥ୍ରୋ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ସ୍ମୃତିରଞ୍ଜନ ଦାଶ ପରିଚାଳନା କରିଥିଲେ। ସିନିୟର ଗ୍ରୁପ୍‌ରେ ଏଲିନା ରାଉତ ଓ ଜୁନିୟରରେ ରଶ୍ମିବାଳା ସାହୁ ଚାମ୍ପିୟନ ହୋଇଥିଲେ। ଦେବସ୍ମିତା ସେନାପତି, ସମରେନ୍ଦ୍ର ଉଦ୍‌ଗାତା, ରଞ୍ଜିତା ଦାସ, ନରହରି ଦାସ, ପ୍ରମୋଦ ନାୟକ ଓ ଗଗନ ବିହାରୀ ସିଂ ପ୍ରମୁଖ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।


ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

## ■ ମହାବୀର କପ୍ କ୍ରିକେଟ
# ଫାଇନାଲରେ ଭଦ୍ରକ ୟୁନିକ୍

**ଭଣ୍ଡାରିପୋଖରୀ,୧୧।୧(ଡି.ଏନ.ଏ.)**– ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରି ଖେଳପଡ଼ିଆରେ ଚାଲିଥିବା ୨୩ତମ ମହାବୀର କପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସାଳନ୍ଦୀ କ୍ଲବକୁ ହରାଇ ଭଦ୍ରକ ୟୁନିକ ଟିମ୍ ବିଜୟୀ ହୋଇ ଫାଇନାଲ ମ୍ୟାଚ୍ ଖେଳିବାକୁ ବିବେଚିତ ହୋଇଛି। ସାଳନ୍ଦୀ ଟିମ୍ ଟସ୍ ଜିତି ୨୨.୪ ଓଭରରେ ୧୫୭ ରନ୍ କରିଥିଲା। ଦଳ ପକ୍ଷରୁ ଅନୁଭବ ବଳ ୨୬ ବଲରେ ୪୭ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରକାଶ ଜେନା ୫ ଓଭର ବୋଲିଂ କରି ୨୧ ରନ୍ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ୟୁନିକ୍ ଟିମ୍ ୨୧ ଓଭରରେ ୧୬୦ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ପାତ୍ର ୩୭ ବଲରେ ୪୧ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ଗୁଡ୍ଡୁ ମୁଣ୍ଡା ୫ ଓଭର ବୋଲିଂ କରି ୨୮ ରନ୍ ଦେଇ ୩ ଉଇକେଟ୍ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ୟୁନିକ୍ ଟିମ୍‌ର ପ୍ରକାଶ ଜେନାଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଦୁର୍ଗା ପଟ୍ଟନାୟକ ଓ କାଳନ୍ଦୀ ପଣ୍ଡା ମ୍ୟାଚ୍ ପରିଚାଳନା କରିଥିଲେ। ମାନସ ନନ୍ଦ, କିଷାନ ରାଉତ ସ୍କୋରର, ମାନସ ରଞ୍ଜନ ପଣ୍ଡା ରେଫରି ଥିବାବେଳେ ପ୍ରତ୍ୟୁଷ ସାହୁ ଓ ଦିଲୀପ ପୃଷ୍ଟି ଧାରା ବିବରଣୀ ପ୍ରଦାନ କରିଥଲେ। ରବିବାର ଯାଜପୁର ରୋଡ୍ ଏକାଡେମୀ ଓ ଭଦ୍ରକ ୟୁନିକ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କମିଟିର ମାନସ ରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି।

# 'ନାରୀ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ'


ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ଭଦ୍ରକ ଅଫିସ,୧୧।୧**– ସୁସ୍ଥ ସମାଜ ଗଠନରେ ନାରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ସମୟରେ ନାରୀମାନେ କ୍ରମେ ଅସୁରକ୍ଷିତ ହୋଇପଡୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ସଚେତନତା ଆବଶ୍ୟକ। କେବଳ ନାରୀ ସୁରକ୍ଷାକୁ ଆଲୋଚନାର ବିଷୟବସ୍ତୁ ନ କରି ଏ ଦିଗରେ ସକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଭଦ୍ରକ ସାଂସ୍କୃତିକ ମହୋତ୍ସବର ୩ୟ ସନ୍ଧ୍ୟାରେ 'ନାରୀ ସୁରକ୍ଷା ଓ ସମାଜର ଭୂମିକା' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଚନ୍ଦ୍ର ଦାଶ ମତବ୍ୟକ୍ତ କରିଥିଲେ। କମିଟି ଉପସଭାପତି ମନୋରମା ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଭାନୁମତୀ ମାଟିଆ, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଟି. ରାଜଲକ୍ଷ୍ମୀ ଓ ପ୍ରଫେସର ପ୍ରଭାତ ନଳିନୀ ମହାପାତ୍ର ଯୋଗ ଦେଇଥିଲେ। କମିଟି ସଭାପତି ରବିନାରାୟଣ ଖିଲାର ସଂଯୋଜନା କରିଥିଲେ। ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଚାରୁଦତ୍ତ ନାୟକ, କୋଷାଧ୍ୟକ୍ଷ ପ୍ରିୟଦର୍ଶନ ବୋଇତି, ସାଂସ୍କୃତିକ ସଂଯୋଜକ ପ୍ରଭାତ ଜେନା, ସାଂସ୍କୃତିକ ସମ୍ପାଦକ ବି ପୀତାମ୍ବର ରେଡ୍ଡୀ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ସାହିତ୍ୟ ଉଜ୍ଜ୍ୱଳ ଆଲୋକ ଓ ପଥ ପ୍ରଦର୍ଶକ


ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଓ ଅନ୍ୟ ଅତିଥିମାନେ।

**ଭଦ୍ରକ ଅଫିସ,୧୧।୧**

କବି ସୂର୍ଯ୍ୟମଣି ବିଶ୍ୱାଳଙ୍କ ଜୀବନ ଥିଲା ଏକ ଦରଦି କବିତା। ଘନ ଅନ୍ଧକାରରେ ସାହିତ୍ୟ ଉଜ୍ଜ୍ୱଳ ଆଲୋକ ଓ ପଥ ପ୍ରଦର୍ଶକ ବୋଲି କବି, ପୂର୍ବତନ ଶିକ୍ଷକ ସ୍ୱର୍ଗତ ସୂର୍ଯ୍ୟମଣି ବିଶ୍ୱାଳଙ୍କ ୮ମ ବାର୍ଷିକ ଶ୍ରାଦ୍ଧୋତ୍ସବରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସ୍ମୃତି ସଂସଦର ସଭାପତି ଶିକ୍ଷାବିତ୍ ଦେବେନ୍ଦ୍ର ସ୍ୱାଇଁ ସଭାପତିତ୍ୱ ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ସଞ୍ଚାଳନା କରିଥିଲେ। ଭଦ୍ରକ ଶହୀଦ ସ୍ମୃତି ଭବନରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଏବଂ ଅନ୍ୟତମ ଅତିଥି ଭାବେ ଡ. ପ୍ରଦୀପ ନାୟକ, ବିରୋଧୀ ଦଳ ଉପନେତା ତଥା ଘାସଫୁଲର ସମ୍ପାଦକ ବିଷ୍ଣୁ ସେଠୀ ଯୋଗ ଦେଇଥିଲେ। ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ, ଡ. ରାଧାରାଣୀ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ଓ ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। କବିଙ୍କ କନିଷ୍ଠପୁତ୍ର ଦେବବ୍ରତ ବ୍ରହ୍ମଚାରୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଓ ଶୋଭାରାଣୀ ପଣ୍ଡାଙ୍କୁ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଛି। ସହରର କବି, ସାହିତ୍ୟିକ ଓ ଶିକ୍ଷାବିତ୍‌ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ■ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ
# ଛାତ୍ରୀଛାତ୍ର ସୁନାଗରିକ ହୁଅ

**ଭଦ୍ରକ ଅଫିସ, ୧୧।୧**

ଭଦ୍ରକ ସାମରାଇପୁରସ୍ଥିତ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଶନିବାର ୭ମ ବାର୍ଷିକ ଉତ୍ସବ ଏବଂ ଜେଡିଏମ୍ ଟ୍ୟାଲେଣ୍ଟର ସର୍ଚ୍ଚର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବର ପ୍ରଥମାର୍ଦ୍ଧ କେଜି ଓ ପ୍ରାଥମିକ ଛାତ୍ରୀଛାତ୍ର, ସନ୍ଧ୍ୟା ସମୟରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସିନିୟର ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ପ୍ରଥମାର୍ଦ୍ଧରେ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ବିରେନ୍ଦ୍ର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଏସ୍‌ପି ବିକାଶ ଚନ୍ଦ୍ର ଦାଶ ଓ ମୁଖ୍ୟବକ୍ତା ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଆଗାମୀ କାଲିର ଭବିଷ୍ୟତ କହି ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସ୍କୁଲ ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ ଓ ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର କୁମାର ମହାପାତ୍ର ମଞ୍ଚାସୀନ ଥିଲେ। ଚେୟାରମ୍ୟାନ ଦୀକ୍ଷିତ୍ ବିଦ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଦେବତା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମାର୍ଗଦର୍ଶକ ପ୍ରଫେସର ମହାପାତ୍ରଙ୍କୁ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଜେଡିଏମ୍ ଟ୍ୟାଲେଣ୍ଟ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ରୀତା ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।


କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

## ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ସମାଜରେ ପ୍ରତିଷ୍ଠିତ ହୋଇପାରିବେ

**ବନ୍ତ,୧୧।୧(ଡି.ଏନ.ଏ.)**–ଛାତ୍ରୀଛାତ୍ର ଶୃଙ୍ଖଳିତ ହେଲେ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ବୋଲି ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ କନ୍ତିଆସ୍ଥିତ ଜଗନ୍ନାଥ ସଂସ୍କୃତ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଦାୟକାଳୀନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଯୁକ୍ତ ୩ ଶାସ୍ତ୍ରୀ ତୃତୀୟ ଓ ଯୁକ୍ତ ୨ ଉପଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟକ୍ଷ ଶଙ୍କର୍ଷଣ ଦାଶ ସଭାପତିତ୍ୱ କରିଥିଲେ। ପ୍ରଶାନ୍ତ ସାମଲ, ଅଧ୍ୟାପକ ବଙ୍କିମ ଚନ୍ଦ୍ର ନାୟକ, ଘନଶ୍ୟାମ ସାହୁ, ପ୍ରଧାନଆଚାର୍ଯ୍ୟ ଅନନ୍ତ ଚରଣ ସାହୁ, ନିତ୍ୟାନନ୍ଦ ମିଶ୍ର ଓ ମିଳନ ପଣ୍ଡା ଯୋଗ ଦେଇଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ବେହେରା, ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**No.39 OFFICE OF THE NOTIFIED AREA COUNCIL, CHANDBALI, BHADRAK Date: 09.01.2020**

**"e" Procurement Notice**
**Bid Identification No-CN_02_2019-20**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | |
|---|---|---|
| 1. | Name of the Work | : Civil Works |
| 2. | No. of Works | : 25 Nos. |
| 3. | Estimated Cost | : As per DTCN |
| 4. | Period of Completion | : 30 days |
| 5. | Date and Time of Bidding | : 15.01.2020 to 22.01.2020 |
| 6. | Last date and Time for receipt of bids in the portal | : 22.01.2020 upto 5 PM |
| 7. | Submission of Original Document | : 22.01.2020 during office hour |
| 8. | Bids received online shall be opened on | : 24.01.2020 at 11.00 AM |
| 9. | Name and address of the officer inviting Bid | : Executive Officer, NAC, Chandbali |

Further details can be seen from the procurement portal i.e. **www.tendersorissa.gov.in**.
**Sd./- Executive Officer, NAC, Chandbali**



## ଆଜି କ'ଣ କେଉଁଠି

**ସିମୁଳିଆ**

- ସିମୁଳିଆ କଲେଜର ୩୯ତମ ବାର୍ଷିକ ଉତ୍ସବ, କଲେଜ ପରିସର, ପୂର୍ବାହ୍ନ ୧୧ଟା।

## ସରିଲା ଭୋଗରାଇ ଉତ୍ସବ



**ଭୋଗରାଇ, ୧୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନାଛକସ୍ଥିତ ହେଲିପ୍ୟାଡ଼ ପଡ଼ିଆରେ ହେଉଥିବା ଭୋଗରାଇ ଉତ୍ସବ ଶୁକ୍ରବାର ଶେଷ ହୋଇଛି। ଭୋଗରାଇ ଉତ୍ସବ କମିଟି ପକ୍ଷରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, ନାଟକ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଘାଟନୀରୁ ଉଦ୍‌ଯାପନୀ ପର୍ଯ୍ୟନ୍ତ ବହୁ ସାହିତ୍ୟିକ, ସ୍ତମ୍ଭକାର, ଗବେଷକ, ରାଜନୈତିକ ଦଳର ନେତୃବୃନ୍ଦ, ସିନେତାରକା, ନୃତ୍ୟାଙ୍ଗନା, କଣ୍ଠଶିଳ୍ପୀମାନେ ଯୋଗଦେଇ ଉତ୍ସବକୁ ସଫଳ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଏମ୍‌ପି ତଥା ସାରସ୍ୱତ ସାଧକ ଡ. କାର୍ତ୍ତିକେଶ୍ୱର ପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ଡ. ପଦ୍ମଜା ମିଶ୍ର, ମୁଖ୍ୟବକ୍ତା ଭାବେ ରେବତୀ ପତ୍ରିକାର ସମ୍ପାଦିକା ତଥା ସମାଜସେବୀ ସୁବାସିନୀ ଜେନା, ସମ୍ମାନିତ ଅତିଥି ଭାବେ ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳ, ପ୍ରାବନ୍ଧିକ ତଥା ଆଇନଜୀବୀ ଚିନ୍ମୟ କୁମାର ଦାସ, ପୂର୍ବତନ ବିଧାୟିକା ଉମାରାଣୀ ପାତ୍ର, ଖବରଦାତା ଅଜିତ କୁମାର ଦାସ ଯୋଗଦେଇ ଉତ୍ସବ ସାମ୍ପ୍ରଦାୟିକ ସଦ୍‌ଭାବନା, ଭାଇଚାରା, ପ୍ରଜ୍ଞା, ସଂସ୍କୃତିକୁ ଚେତନାଦୀପ୍ତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ଅତ୍ୟାଧୁନିକ ବିଦ୍ୟୁତ୍, ରଙ୍ଗିନ ଆଲୋକମାଳା ସମଗ୍ର ସ୍ଥାନକୁ ଉଦ୍‌ଭାସିତ କରିଥିଲା। ଉତ୍ସବ କମିଟି ସଭାପତି ଡ. କାର୍ତ୍ତିକେଶ୍ୱର ପାତ୍ର, ସାଧାରଣ ସମ୍ପାଦକ ପଙ୍କଜାକ୍ଷ ପଣ୍ଡା, ଉପସଭାପତି ରାଜକୁମାର ଦାସ, ସନ୍ତୋଷ କୁମାର ଜେନା, ସମ୍ପାଦକ ପ୍ରଦୀପ କୁମାର ନାୟକ, ଅଂଶୁମାନ ମହାନ୍ତି, ସୁନୀଲ କର, ତୀର୍ଥେଶ ଚନ୍ଦ୍ର ରାୟ, ବରେନ୍ଦ୍ର କୁମାର ପାତ୍ରଙ୍କ ସହ ବହୁ ବରିଷ୍ଠ ଓ କନିଷ୍ଠ ସଦସ୍ୟ, ମାଧମିକ ଶିକ୍ଷକ ସଂଘର ଶିକ୍ଷକ ନେତା, ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନ ସାହାଯ୍ୟ, ସହଯୋଗ ଓ ପରିଚାଳନା କରିଥିଲେ।

## ଆଜିଠୁ ଫକୀରମୋହନ ଜୟନ୍ତୀ

**ରୂପସା, ୧୧।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ହଳଦୀପଦା ବ୍ୟାସକବି ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୧୨ରୁ ୧୪ତାରିଖ ପର୍ଯ୍ୟନ୍ତ ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଓ ବାର୍ଷିକ ସମାରୋହ ପାଇଁ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଷ୍ଠାନ ସଭାପତି ମହେନ୍ଦ୍ର ସାହୁ ପୌରୋହିତ୍ୟ କରିଥିଲେ। ୧୨ତାରିଖ ଅଗ୍ରୱାଲା ବିଦ୍ୟାପୀଠରେ ଅଭିଭାବକ କର୍ମଶାଳା, ଶିଶୁ-କିଶୋର ଜୀବନଚର୍ଯ୍ୟା ଓ ସୃଜନୀ କର୍ମଶାଳା ଅନୁଷ୍ଠିତ ହେବ। ୧୩ତାରିଖ ଖଣ୍ଡାହାର ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଏବଂ ୧୪ତାରିଖରେ କର୍ଣ୍ଣେଶ୍ୱର ଶିବ ମନ୍ଦିର ପରିସରରେ ଫକୀରମୋହନଙ୍କ ଜୟନ୍ତୀ ପାଳନ ସହ ସାରସ୍ୱତ ଓ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ନୃତ୍ୟ ଓ ଅଭିନୟ ଆଦି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଉତ୍ସବରେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଉପଜିଲାପାଳ ନିଲୁ ମହାପାତ୍ର, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ, ନାଟ୍ୟକାର ହେମେନ୍ଦ୍ର ମହାପାତ୍ର, ଡାକ୍ତର ବସନ୍ତ ଉପାଧ୍ୟାୟ ଓ ଡ. କୁମାର ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ଅନୁଷ୍ଠାନ ସମ୍ପାଦକ ଚନ୍ଦନ କୁମାର ସାହୁ, ଅନିଲ ସାହୁ, ପ୍ରତ୍ୟୁଷ ପ୍ରଧାନ, ଅମିତାଭ ସାହୁ ଓ ଜୟନ୍ତ ସାହୁ ପ୍ରମୁଖ ଉତ୍ସବ ସୁପରିଚାଳନା ଦିଗରେ ଆଲୋଚନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।



ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# 'ସମସ୍ୟାବିହୀନ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

### ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**ବାଲେଶ୍ୱର ଅଫିସ,୧୧।୧**

ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ତିଆରି କରିବାର ଏକ କାରଖାନା। ଏକ ଉନ୍ନତ ଦେଶ ଗଠନରେ ଶିକ୍ଷାନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବାଲେଶ୍ୱର ପାଣିଟାଙ୍କିସ୍ଥିତ ଏକ ଘରୋଇ କଲ୍ୟାଣମଣ୍ଡପ ପରିସରରେ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୌଲାନା ଆବୁଲ କଲାମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏସିଆନ ଷ୍ଟଡ଼ିଜ କୋଲକାତାର ଭାଇସ ଚେୟାରମ୍ୟାନ୍ ଓ ସିଆଇଏଫ୍ଏଲ୍ ହାଇଦ୍ରାବାଦର ପୂର୍ବତନ ଉପକୁଳପତି ପ୍ରଫେସର କୈଳାସ ଚନ୍ଦ୍ର ବରାଳ ମତ ରଖିଛନ୍ତି।

ଶନିବାର ଅପରାହ୍ନରେ ଏହି ଉତ୍ସବକୁ ବିଦ୍ୟାଳୟ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଶୁଭେନ୍ଦୁ ଭୂଷଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ମୌସମ କୁମାର ସିଂ ବିଦ୍ୟାଳୟ ସମ୍ପର୍କରେ ଅଭିଭାଷଣ ଦେଇଥିଲେ। ଚେୟାରମ୍ୟାନ କବୀର କୁମାର ମଲ୍ଲୁଆଳ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନେ ଶୃଙ୍ଖଳିତ ହେବା ଉଚିତ୍ ବୋଲି କହିଥିଲେ। ଅତିଥି ଭାବେ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଶୁଭକାନ୍ତ ମହାନ୍ତି ସାରା ବିଶ୍ୱରେ ବର୍ତ୍ତମାନ ଅନେକ ଆଞ୍ଚଳିକ ସମସ୍ୟା ମୁଣ୍ଡ ଟେକିଛି। ଏକ ସମସ୍ୟା ବିହୀନ ସମାଜ ତିଆରି କରିବାକୁ ହେଲେ ଛାତ୍ରୀଛାତ୍ରମାନଙ୍କର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ମତ ରଖିଥିଲେ। ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ସ୍ୱାମୀ ବିବେକାନନ୍ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ ରିହାବିଲିଟେଶନ ଆଣ୍ଡ ରିସର୍ଚ୍ଚର ଡେପୁଟି ଡାଇରେକ୍ଟର ଡ. କେସି ମହାପାତ୍ର ଯୋଗଦେଇଥିଲେ। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ରାଧାକାନ୍ତ ମହାନ୍ତି, ମନୋରଞ୍ଜନ ମହାନ୍ତି, ଅଜୟ କୁମାର ଗିରି, କେଦାରନାଥ ମହାନ୍ତି, ଭବାନୀଶଙ୍କର ହୋତା, ଜ୍ଞାନରଞ୍ଜନ ଦାସ ଓ ସୁମନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।




'ସାଇ ଫିଏଷ୍ଟା-୨୦୨୦' ଉତ୍ସବରେ ଉପସ୍ଥିତ ଅତିଥି ଓ ଅନୁଷ୍ଠାନର କର୍ମକର୍ତ୍ତା।

## 'ସାଇ ଫିଏଷ୍ଟା-୨୦୨୦' ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୧୧।୧**

ବାଲେଶ୍ୱର ଟାଉନ ହଲ୍ ପରିସରରେ 'ସାଇ ଫିଏଷ୍ଟା-୨୦୨୦' ଉତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅନୁଷ୍ଠାନ ସଭାପତି ଡ. ବେଣୁମାଧବ ପଣ୍ଡା ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣକୁ ଲୋକଲୋଚନକୁ ଆଣିବା ଏହି ଉତ୍ସବର ଆଭିମୁଖ୍ୟ ବୋଲି କହିଥିଲେ।

ନାଚ ଓ ଗୀତ ପ୍ରତିଯୋଗିତାରେ ଜିଲାର ସମସ୍ତ ବ୍ଲକର ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ୭୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉପସଭାପତି ରମାକାନ୍ତ ମହାରଣା, ସାଧାରଣ ସମ୍ପାଦକ ଅର୍ଦ୍ଧେନ୍ଦୁ ଶେଖର ଦାସ, ସମ୍ପାଦକ ଅଜୟ କୁମାର ପ୍ରଧାନ, ସହ-ସମ୍ପାଦକ ମିହିର କୁମାର ବେହେରା ଓ ପ୍ରଦୀପ କୁମାର ସାହୁ, ସାଂସ୍କୃତିକ ସମ୍ପାଦିକା ସସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ରବିବାର ମଧ୍ୟ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ପଞ୍ଚସଖା ଏକାଡେମୀ ପକ୍ଷରୁ ପୁରସ୍କାର ଘୋଷଣା

**ବାହାନଗା, ୧୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡଶାଳ ଗ୍ରାମରେ ଥିବା ରାଜ୍ୟସ୍ତରୀୟ ପଞ୍ଚସଖା ଯାତ୍ରା ଏକାଡେମୀ ପକ୍ଷରୁ ଯାତ୍ରା ଗୌରବ ସମ୍ମାନ ଘୋଷଣା କରାଯାଇଛି। ଗୋପାଳପୁର ସତ୍ୟଭାମା କଲ୍ୟାଣ ମଣ୍ଡପ ପରିସରରେ ରାଜ୍ୟସ୍ତରୀୟ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚସଖା ଯାତ୍ରା ଏକାଡେମୀର ୨୦୧୯ ଓ ୨୦୨୦ମସିହା ପାଇଁ ୨୮ଜଣ ପ୍ରତିଭାଙ୍କ ନାମ ଘୋଷଣା କରାଯାଇଛି। ଏକାଡେମୀର ଉପସଭାପତି ଲୋକନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁରୀ କମିଟିର ନିଷ୍ପତ୍ତି ଅନୁଯାୟୀ ସମ୍ପାଦକ ଅନିରୁଦ୍ଧ ବାରିକ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭାଙ୍କ ନାମ ଘୋଷଣା କରିଥିଲେ। ରସରାଜ ମରିଭଦ୍ର ବିଶ୍ୱାଳ ଓ ଅଭିନେତା ନିତ୍ୟାନନ୍ଦ ପାଢୀଙ୍କୁ ଓଡିଶା ଯାତ୍ରା ଗୌରବ ସମ୍ମାନ, ଅଭିନେତା ସୁରେଶ ସ୍ୱାଇଁ ଓ ସାରଥି ପରିଡାଙ୍କୁ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସମ୍ମାନ, ରାଧାକୃଷ୍ଣ ଗିରି ଓ ଦେବୀପ୍ରସାଦ ରଥଙ୍କୁ ଯାତ୍ରା ସମ୍ରାଟ ଶ୍ୟାମସୁନ୍ଦର ମହାପାତ୍ର ସମ୍ମାନ ଏବଂ ଶୁଭ୍ର ମହାପାତ୍ର ଓ ରାଜାରାମ ଦାସଙ୍କୁ ଯାତ୍ରା ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯିବ। ଏହାସହ ୨୮ଜଣ ଯାତ୍ରା କଳାକାର ଓ ମାଲିକ, ନିର୍ଦ୍ଦେଶକମାନଙ୍କୁ ସମ୍ମାନିତ କରାଯିବାର ଘୋଷଣା କରାଯାଇଛି। ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ସମ୍ପାଦକ ଅନିରୁଦ୍ଧ ବାରିକ୍ ଓ ବର୍ଷୀୟାନ ଯାତ୍ରା ଅଭିନେତା ଲୋକନାଥ ଲେଙ୍କା, ସହ ସମ୍ପାଦକ ଅନନ୍ତ ଦାସ,ବିକାଶ ଶତପଥୀ, ରମଣୀକାନ୍ତ ମିଶ୍ର ଓ ଶଙ୍କର୍ଷଣ ଜେନା ପ୍ରମୁଖ ଉପସ୍ଥିତ ରହି ଘୋଷଣା କରିଥିଲେ।

## କନିଷ୍ଠ ଆଶାୟୀ ଶିକ୍ଷକ ସଂଘ ପକ୍ଷରୁ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୧୧।୧:** ବାଲେଶ୍ୱର କନିଷ୍ଠ ଆଶାୟୀ ଶିକ୍ଷକ ସଂଘର ସଦସ୍ୟମାନେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ରେଳ ଷ୍ଟେଶନଠାରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିନା ଅନୁମତିରେ ଘରୋଇ ବିଦ୍ୟାଳୟକୁ ବନ୍ଦ କରାଯିବା, ଜିଲାରେ ସମସ୍ତ ଶିକ୍ଷକମାନଙ୍କର କାଗଜପତ୍ର ଯାଞ୍ଚ କରି ଜାଲ ଶିକ୍ଷକମାନଙ୍କୁ ଚାକିରିରୁ ବାହାର କରିବା ସହ ଫାଙ୍କା ଥିବା ଶିକ୍ଷକ ପଦବୀର ହିସାବ ସରକାରଙ୍କୁ ଦେବା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ସଂଘ ସଭାପତି ଧନଞ୍ଜୟ ଜେନା ଓ ସମ୍ପାଦକ ପ୍ରଶାନ୍ତ ଦାସ ପ୍ରକାଶ କରିଛନ୍ତି।

## ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠା ଦିବସ

**ଜଳେଶ୍ୱର, ୧୧।୧(ଡି.ଏନ.ଏ.):** ଜଳେଶ୍ୱର ବ୍ଲକ ଶାନ୍ତିଆସ୍ଥିତ ଶ୍ରୀଅରବିନ୍ଦ ଯୋଗ ମନ୍ଦିର ପରିସରରେ ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ପ୍ରତିଷ୍ଠାର ଅଷ୍ଟଦଶତିତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଶ୍ରୀଅରବିନ୍ଦଙ୍କ ସମାଧିରେ ଧୂପ ଓ ପୁଷ୍ପ ପ୍ରଦାନ, ଅଖଣ୍ଡ ମାତୃନାମ ଜପ, ଆସନ ଯୋଗାଭ୍ୟାସ, ଭାରତର ଆଧ୍ୟାତ୍ମିକ ପତାକା ଉତ୍ତୋଳନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ସେନାପତି, କେଶବ ଚନ୍ଦ୍ର କର, ସୀତାଂଶୁ ସେନାପତି, ଅଶୋକ କୁମାର ଜେନା, ସାଧକ ଅନାଦି ଚରଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

## ବୋଲେରୋ ସହ ବିଭିନ୍ନ ମାରଣାସ୍ତ୍ର ଜବତ

**ସଜନାଗଡ, ୧୧।୧(ଡି.ଏନ.ଏ.)**

ନୀଳଗିରି ଥାନା ଅନ୍ତର୍ଗତ ଇଶ୍ୱରପୁର ପଞ୍ଚାୟତ ହାଇସ୍କୁଲ୍ ପଡ଼ିଆ ସମ୍ମୁଖରେ ଯୋଜନାବଦ୍ଧ ଭାବେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଇଶ୍ୱରପୁର ମେଡ଼ିକାଲ ପରେ ବାଲେଶ୍ୱର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ମଧ୍ୟ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ପଠାଯାଇଛି।

ସନ୍ଧ୍ୟା ପ୍ରାୟ ସାଢେ ୬ଟା ବେଳେ ପଡିଆ ସମ୍ମୁଖରେ ଇଶ୍ୱରପୁର ଗ୍ରାମର ସୁଦର୍ଶନ ମହାନ୍ତି (୪୨) ଏକୁଟିଆ ଥିବା ବେଳେ ହଠାତ୍ ଏକ ବୋଲେରୋ (ନଂ.ଓଡ଼ି-୦୧-ଟି- ୮୯୭୭)ରେ ୪/୫ଜଣ ଯୁବକ ଆସି ତାଙ୍କୁ ଧକ୍କା ଦେଇଥିଲେ। ସୁଦର୍ଶନ ଏହାର ପ୍ରତିବାଦ କରିବାରୁ ବୋଲେରୋରେ ଥିବା ଅଜଣା ଯୁବକମାନେ ଠେଙ୍ଗା ଓ ଭୁଜାଲି ସହିତ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁଦର୍ଶନ ଚିତ୍କାର କରୁଥିଲା ବେଳେ ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ଆକ୍ରମଣକାରୀ ଯୁବକଙ୍କ ମଧ୍ୟରୁ ଘଟଣାସ୍ଥଳରୁ ଜଣେ ଧରାପଡ଼ିଥିଲା ବେଳେ ଅନ୍ୟମାନେ ଫେରାର ହୋଇଯାଇଛନ୍ତି। ନୀଳଗିରି ଆଇଆଇସି ମିନତୀ ବିଶ୍ୱାଳ ଗ୍ରାମବାସୀ ଅଟକ ରଖିଥିବା ଯୁବକଙ୍କୁ ଗିରଫ କରିବା ସହ ବ୍ୟବହୃତ ବୋଲେରୋ ଓ ମାରଣାସ୍ତ୍ରକୁ ଜବତ କରିଛନ୍ତି।

## ଶିଶୁ ଭବନର ବାର୍ଷିକ ଉତ୍ସବ

**ଜଳେଶ୍ୱର, ୧୧।୧(ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ଶାନ୍ତିଆସ୍ଥିତ ଗାନ୍ଧୀ ସେବାଶ୍ରମ ଈଶ୍ୱରଲାଲ୍ ଶିଶୁ ଭବନର ବାର୍ଷିକ ଉତ୍ସବ ଅନୁଷ୍ଠାନ ସଭାପତି ସୀତାଂଶୁ ସେନାପତିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଭାଗୀରଥି ବାରିକ, ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ସଦସ୍ୟା ଗୌରୀରାଣୀ ଉପାଧ୍ୟାୟ, ସଦସ୍ୟ ଆଶିଷ କୁମାର ଘୋଷ ଓ ସଦସ୍ୟ ଗଣେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଉତ୍ସବରେ ଜ୍ୟୋତିଷ ଚନ୍ଦ୍ର କର ବାର୍ଷିକ ବିବରଣୀ ପାଠ, ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସମ୍ପାଦକ ଅଶୋକ କୁମାର ଜେନା ଓ ଅନ୍ୟ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟିତ



ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପତାକା ଦେଖାଇ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

**ବାଲେଶ୍ୱର ଅଫିସ, ୧୧।୧**

ବାଲେଶ୍ୱର ଜିଲା ଆଇଟିଆଇ ଛକସ୍ଥିତ ଆଞ୍ଚଳିକ ପରିବହନ କେନ୍ଦ୍ର ପରିସରରେ ଶନିବାର ସଡ଼କ ସୁରକ୍ଷା ସଚେତନତା ରଥ ଉଦ୍‌ଘାଟନ କରାଯାଇଛି। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତପନ କୁମାର ପଟ୍ଟନାୟକ ପତାକା ଦେଖାଇ ଏହି ରଥକୁ ଉଦ୍‌ଘାଟନ କରି ସଡ଼କ ସୁରକ୍ଷା, ଜୀବନ ରକ୍ଷା ବିଷୟବସ୍ତୁ ଉପରେ ଆଲୋଚନା କରିବା ସହ ଟ୍ରାଫିକ୍ ନିୟମ କଡ଼ାକଡ଼ି ଅବଲମ୍ବନ ପରେ ଦୁର୍ଘଟଣା କମିବାରେ ଲାଗିଛି ବୋଲି କହିଥିଲେ।

ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ବିକାଶ ଚୌଧୁରୀ ଉତ୍ସବକୁ ସଞ୍ଚାଳନ କରିଥିବାବେଳେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ଡିଏସ୍‌ପି ଉମେଶ ପଣ୍ଡା, ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ ପ୍ରମୁଖ ଉପସ୍ଥିତ ରହି ସଡ଼କ ସୁରକ୍ଷା ସଚେତନତାର ବାର୍ତ୍ତାକୁ ଜିଲାର କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ କରାଯାଇଥିବା ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ପରେ ଆଜିମାବାଦ ଉ.ପ୍ରା. ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଉକ୍ତ ବିଷୟ ଉପରେ ଚିତ୍ରାଙ୍କନ, ରଚନା ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଅପରାହ୍ନରେ ଅଟୋ ଚାଳକମାନଙ୍କୁ ନେଇ ଟ୍ରାଫିକ୍ ଥାନା ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ୧୫୦ରୁ ଊର୍ଦ୍ଧ୍ୱ ଅଟୋ ଚାଳକ ଯୋଗଦେଇଥିବା ବେଳେ ଡିଏସ୍‌ପି ପଣ୍ଡା, ଟ୍ରାଫିକ୍ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ଯୋଗଦେଇ ସଡ଼କ ସୁରକ୍ଷା ସଚେତନତାର ବିଭିନ୍ନ ମାର୍ଗ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମ ୭ଦିନ ଧରି ଜିଲାବ୍ୟାପୀ ଆୟୋଜନ କରାଯିବ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ବନ୍ଧୁମିଳନ



ନିଜସ୍ୱ ଅଫିସ୍ ସମ୍ମୁଖରେ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା।

**ବାଲେଶ୍ୱର ଅଫିସ, ୧୧।୧**

### ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ

ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ବାଲେଶ୍ୱର ଜିଲା ସଂଘ ପକ୍ଷରୁ ଶନିବାର ନିଜସ୍ୱ ଅଫିସ୍‌ରେ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଧୀରେନ୍ଦ୍ର ନାରାୟଣ ଦାସ ଅଧ୍ୟକ୍ଷତା କରି ନବବର୍ଷ ୨୦୨୦ ସମସ୍ତଙ୍କ ସୁଖ ସମୃଦ୍ଧିର ବର୍ଷ ହେଉ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକାରୀ ସଭାପତି ବଂଶୀଧର ମହାପାତ୍ର ସ୍ତୁତି ଓ ବେଦ ଉଚ୍ଚାରଣ କରିଥିଲେ।

ସାଧାରଣ ସମ୍ପାଦକ ଇଂ. ବନମାଳୀ ନାୟକ ବାର୍ଷିକ ବିବରଣୀ ପାଠ କରିବା ସହ ଚଳିତବର୍ଷ ବୃକ୍ଷରୋପଣ, ଗ୍ରୀଷ୍ମକାଳରେ ଜଳଛତ୍ର, ମେଧା ପ୍ରୋତ୍ସାହନ, ବରିଷ୍ଠ ସଭ୍ୟାସଭ୍ୟଙ୍କୁ ସମ୍ବର୍ଦ୍ଧନା, ସ୍ୱାସ୍ଥ୍ୟସେବା ଶିବିର, ରକ୍ତଦାନ ଶିବିର, ଜିଲାର ଦୃଷ୍ଟିହୀନ ଓ ବିକଳାଙ୍ଗ ଛାତ୍ରୀଛାତ୍ରଙ୍କୁ ସହାୟତା ଆଦି ସମାଜ ମଙ୍ଗଳ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଥିଲେ। ସଂଘର ସଭ୍ୟ ଶଶୀ ରଥ, ରମାକାନ୍ତ ବେହେରା, ପ୍ରମଥ ପ୍ରଧାନ, ଭାଗବତ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ ବନ୍ଧୁମିଳନ ଏକ ଭାଇଚାରା ପର୍ବ, ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ଆମ୍ଭମାନଙ୍କୁ ଶାନ୍ତି ଓ ଶକ୍ତି ଦେବ ବୋଲି କହିଥିଲେ। ବସ୍ତା, ସୋର, ରେମୁଣା, ନୀଳଗିରି ଶାଖାର ପ୍ରତିନିଧିମାନେ ଯୋଗଦେଇଥିଲେ। ନୂତନ ସଭ୍ୟ ଭାବେ ଡ. ପ୍ରଫୁଲ୍ଲ ସେଠୀ, ଡ. ଭାଗବତ ଦାସ ଓ ଚିତ୍ତରଞ୍ଜନ ଜେନା ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମାଞ୍ଚଳର ୨୦ଜଣ ଗରିବ ବୃଦ୍ଧାବୃଦ୍ଧଙ୍କୁ ସଂଘ ତରଫରୁ କମ୍ବଳ ବଣ୍ଟନ କରାଯାଇଥିଲା। କୁମୁଦ ରଞ୍ଜନ ଗିରି, ପ୍ରଫୁଲ୍ଲ ଯେନା, ରମେଶ ଗୋଛାୟତ, ଭବେଶ ପଣ୍ଡା, ବେଣୁଧର ପାଳ, ଶଚୀନ୍ଦ୍ର ଦାସ, ବନ୍ଦନା ପାଲ, ଅରୁଣା ରାୟ ପ୍ରମୁଖ ଯୋଗ ଦେଇଥିଲେ।

## ରାଧାବଲ୍ଲଭପୁରରେ ଦୁଇଟି ମନ୍ଦିରରୁ ଚୋରି

**ସୋର, ୧୧।୧(ଡି.ଏନ୍.ଏ.)**

ସୋର ବ୍ଲକ ମାଣିପୁର ପଞ୍ଚାୟତ ରାଧାବଲ୍ଲଭପୁର ଗ୍ରାମର ଦୁଇଟି ମନ୍ଦିର ସର୍ବମଙ୍ଗଳା ଓ ବାସୁଳୀ ମନ୍ଦିରରେ ଚୋରି ହୋଇଥିବା ସୋର ଥାନାରେ ଅଭିଯୋଗ ହୋଇଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଦୁଇଟି ମନ୍ଦିରର କବାଟର ତାଲା ଭାଙ୍ଗି ଠାକୁରାଣୀଙ୍କ ରୁପା ମୁକୁଟ, ରୁପା ବଳା, ସୁନା ଚିତା ଓ ରୁପା ଗିନା ଚୋରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ କରିଛି।

## ରାଜଭବନ ଆଗରେ ଧାରଣା ନିଷ୍ପତ୍ତି

**ବାଲେଶ୍ୱର ଅଫିସ,୧୧।୧**

ବାଲେଶ୍ୱର ହିନ୍ଦ ମଜଦୁର ସଭା କାର୍ଯ୍ୟାଳୟଠାରେ ଶନିବାର ବିର୍ଲା ଟାୟାର୍ସ ଶ୍ରମିକଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅରୁଣ କୁମାର ସ୍ୱାଇଁ ସଭାପତିତ୍ୱ କରି ସରକାର, ଜିଲା ପ୍ରଶାସନ ଏବଂ ଶ୍ରମ କାର୍ଯ୍ୟାଳୟ ଯଦି ତୁରନ୍ତ ପଦକ୍ଷେପ ନ ନେଲେ ତେବେ ରାଜ୍ୟ ହିନ୍ଦ ମଜଦୁର ସଭାର ସହଯୋଗ ଲୋଡ଼ି ଶ୍ରମିକମାନଙ୍କୁ ନ୍ୟାୟ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

ଦୀର୍ଘ ୫ମାସ ଧରି ଦରମା ନ ମିଳିଥିବାରୁ ଶ୍ରମିକମାନଙ୍କ ଭିତରେ ଘୋର ଅସନ୍ତୋଷ ଦେଖାଦେଇଛି। ଆସନ୍ତା ସପ୍ତାହରେ ଯଦି ଦରମା ନ ମିଳେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଏବଂ ରାଜଭବନ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବା ପାଇଁ ବୈଠକରେ ଉପସ୍ଥିତ ଶ୍ରମିକମାନେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।



ବୈଠକରେ ବିର୍ଲା ଟାୟାର୍ସ ଶ୍ରମିକ ସଂଘର କର୍ମକର୍ତ୍ତା।

## ଆରମ୍ଭ ହେଲା ପ୍ରତିଭା ମହୋତ୍ସବ

**ଖଇରା, ୧୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକର ସର୍ବବୃହତ ପୂଜ୍ୟପୂଜା ସଙ୍ଗଠନ ପ୍ରତିଭା ପରିବାର ଆନୁକୂଲ୍ୟରେ ଆୟୋଜିତ ଅଷ୍ଟାଦଶ ପ୍ରତିଭା ମହୋତ୍ସବ ପ୍ରତିଯୋଗିତା, ସଭା ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସକାଳେ ଉପଦେଷ୍ଟା ସନାତନ ବେହେରାଙ୍କ ଦ୍ୱାରା ସଙ୍ଗଠନର ପତାକା ଉତ୍ତୋଳନ କରାଯାଇଥିଲା। ଉଦ୍‌ଘାଟନୀ ସଭାରେ ଆଇଆଇସି ସୁବ୍ରତ କୁମାର ବେହେରା ମୁଖ୍ୟଅତିଥି, ବସନ୍ତ ଖିଲାର ମୁଖ୍ୟବକ୍ତା, ଓଷ୍ଟା ସଭାପତି ଦୀନବନ୍ଧୁ ଦାଶ ସମ୍ପାଦକ ଷଡାନନ ପାଣିଗ୍ରାହୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶଙ୍ଖଫୁଙ୍କା ପ୍ରତିଯୋଗିତାରେ ବୁଦ୍ଧିରାମ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମ ସଙ୍ଗୀତ ପ୍ରତିଯୋଗିତା ଖଇରା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ କୁମାର ଉପାଧ୍ୟାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଆୟୋଜିତ ସଭାରେ ସଙ୍ଗଠନ ସଭାପତି ଚିନ୍ତାମଣି ସାହାଣି ପୌରୋହିତ୍ୟ କରିଥିଲେ। ବିଶିଷ୍ଟ ସାହିତ୍ୟିକ ଗୋପବନ୍ଧୁ ନାୟକ ମୁଖ୍ୟବକ୍ତା ଓ ଇଟାଲି ବିଶ୍ୱ କବି ସଙ୍ଗଠନର ପ୍ରାକ୍ତନ ସାଧାରଣ ସମ୍ପାଦକ ରୋହିଣୀ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ସୁଦର୍ଶନ ସେଠୀ, ସମିତିସଭ୍ୟା ନମିତା ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସୁରମା ପାଣି ଅତିଥି ପରିଚୟ ଓ ସୁଲୋଚନା ନାୟକ ଧନ୍ୟବାଦ ଦେଇଥିଲେ। ଚିତ୍ରାଙ୍କନ, ବକ୍ତୃତା, କୁଇଜ ଓ ସାଧାରଣ ଜ୍ଞାନ ଆଦି ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇଥିଲା। ବିଭିନ୍ନ ବିଷୟରେ ପାରଦର୍ଶିତା ପାଇଁ ବଳରାମ ପଣ୍ଡା, ବିପିନ ବିହାରୀ ବିଶ୍ୱାଳ, ମହେନ୍ଦ୍ର ପ୍ରସାଦ ବାରିକ, ଲୋକନାଥ ପଣ୍ଡା, ପଦ୍ମଲୋଚନ ଜେନା, ଅଜିତ ପାଣିଗ୍ରାହୀ, ଶିବଶଙ୍କର ମହିଳା ଗ୍ରୁପ, ରମାକାନ୍ତ ଗିରି, ରମେଶ ଚନ୍ଦ୍ର ସାହୁ, ବିଭୂତି ଭୂଷଣ ତ୍ରିପାଠୀ ଓ ଶଶିକାନ୍ତ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଚିତ୍ରାଙ୍କନରେ କୃତି ପ୍ରତିଭାଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଗୁରୁଜୀଙ୍କ ଜନ୍ମ ଦିନ ପାଳିଲେ ଜେଏମ୍ଏମ୍ କର୍ମକର୍ତ୍ତା

**ଚିତ୍ରଡା, ୧୧।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଆଣୁଆଁ ସ୍ଥିତ ଫୁଟବଲ ପଡ଼ିଆଠାରେ ଶନିବାର ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁରୁଜୀ ଶିବୁ ସୋରେନଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେ.ଏମ.ଏମ.) ର ସମସ୍ତ କର୍ମକର୍ତ୍ତା ଏଥିରେ ଯୋଗ ଦେଇ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ସେମାନେ ଗୁରୁଜୀଙ୍କ ଆଦର୍ଶ ଓ କାର୍ଯ୍ୟ ଉପରେ ମଧ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ଝାଟଖଣ୍ଡ ମୁକ୍ତି ମୋର୍ଚ୍ଚାର ବ୍ଲକ ସଭାପତି ଗୁଡ଼ରା ମାରାଣ୍ଡି ନିର୍ବାଚନ ମଣ୍ଡଳୀରେ ଦଳ ଆଗକୁ କିପରି ବଢ଼ିବ ସେ ନେଇ ନିଷ୍ଠତାର ସହ କାର୍ଯ୍ୟ କରିବାକୁ କର୍ମକର୍ତ୍ତାମାନଙ୍କୁ କହିଥିଲେ। ବ୍ଲକ ସମ୍ପାଦକ ପରିତୋଷ ବାରିକ ସଂଗଠନକୁ ସୁଦୃଢ଼ କରିବା ଲାଗି ଯୁବ ପିଢ଼ିଙ୍କ ସାହାଯ୍ୟ ଲୋଡିଥିଲେ। ବ୍ଲକ ଯୁବ ମୋର୍ଚ୍ଚା ସଭାପତି ଉତ୍ପଳ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରଥିଲେ।

### ଶୀତକାଳୀନ ଜାତୀୟ ସେବା ଶିବିର

**ଝାରପୋଖରିଆ,୧୧।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଝାରପୋଖରିଆ ଉପକଣ୍ଠ ଜାମତିସ୍ଥିତ ସୀମାନ୍ତ ଇଞ୍ଜିନିୟରିଂ କଲେଜର ଏକ ସ୍ୱତନ୍ତ୍ର ଶୀତକାଳୀନ ଜାତୀୟ ସେବା ଶିବିର ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଅଧକ୍ଷ ମାନସ ରଞ୍ଜନ ପାଣି ଅଧକ୍ଷତା କରିଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅର୍ଦ୍ଧେନ୍ଦୁ ପ୍ରହରାଜ, ଘାସିରାମ କଲିଆ ପ୍ରମୁଖ ଯୋଗଦେଇଥିଲେ। ସେବା ଶିବିର ଯୋଜନାର ପ୍ରୋଗ୍ରାମ ଅଫିସର ଧୀରେନ ପ୍ରଧାନ, ମହିଳା ୟୁନିଟ୍‌ର ବନ୍ଦନା ନାୟକ ଓ ଅମ୍ଲାନ କୁମାର ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିବିରାର୍ଥୀମାନେ ନିକଟସ୍ଥ ଜାମତି, ସାରଗଡ଼ା, ପୁଆଣି ପ୍ରଭୃତି ୩ଟି ପୋଷ୍ୟ ଗ୍ରାମକୁ ଯାଇ ନାରୀ ନିର୍ଯାତନା, ବାଲ୍ୟବିବାହ, ସ୍ୱଚ୍ଛ ଭାରତ ଆଦି ବିଭିନ୍ନ ଦିଗରେ ଲୋକଙ୍କୁ ସଚେତନ କରାଉଛନ୍ତି। ଜାତୀୟ ସେବା ୟୁନିଟ୍ ପକ୍ଷରୁ ବିନା ମୂଲ୍ୟରେ ଚକ୍ଷୁ ପରୀକ୍ଷା ସେବା ଯୋଗାଇ ଦିଆଯାଉଥିବା ପ୍ରୋଗ୍ରାମ ଅଧିକାରୀ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟାନ୍ୟ ଅଧିକାରୀଙ୍କ ମଧରେ କଲେଜର ଡିନ୍ ଅଜିତ୍ କୁମାର ସାହୁ, ଡ. ମନୋଜ ଦାଶ, ଦିଲୀପ ସେନାପତି, ରାଜୀବ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଅବକାରୀ ଚଢ଼ାଉ: ୨ ଗିରଫ

**ଖୁଣ୍ଟା,୧୧।୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ଶନିବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦେଶୀ ମଦ କାରବାରରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ଦୁଇ ଜଣକୁ ଗିରଫ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ସାହାରବେଡା ଗ୍ରାମର ଗୋଲାପୀ ହାଁସଦା (୩୫)ଓ ଗୌଡ଼ଗାଁ ଗ୍ରାମର ମଙ୍ଗଳ ମାର୍ଣ୍ଡି (୫୫)।ସେମାନଙ୍କ ଠାରୁ ମୋଟ ୧୦ ଲିଟର ଦେଶି ମଦ ଜବତ କରାଯାଇଛି ବୋଲି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### ରାଜସ୍ୱ ମେଳାରେ ବିଭିନ୍ନ ମାମଲାର ସମାଧାନ

**ବଡସାହି,୧୧।୧(ସ୍ୱ.ପ୍ର.):** ମୋ ସରକାର ଯୋଜନାରେ ଲୋକଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ୫-ଟି ନିୟମ କାର୍ଯ୍ୟକାରୀ ହେଉଛି। ଏହାକୁ ନେଇ ବଡ଼ସାହି ତହସିଲ ପକ୍ଷରୁ ଖାନୁଆ ଗ୍ରାମରେ 'ମୋ ତହସିଲ ମୋ ଗାଁରେ' ଭଳି ଏକ ରାଜସ୍ୱ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ତହସିଲଦାର ଅମିୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଞ୍ଚାୟତର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ପରିଡା, ରାଜସ୍ୱ ପରିଦର୍ଶକ ନରହରି ଦାଶ, ରାଜସ୍ୱ ନିରୀକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଜବରଦଖଲ ସଂକ୍ରାନ୍ତ ୨୦ ମାମଲା ସମେତ ଗୋଟିଏ ଘରବାଡି ପଟ୍ଟା,୯୫ ଭୂମିହୀନ ଲୋକଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଯାଇଥିଲା। ଘରବାଡି କିସମ ପରିବର୍ତ୍ତନ ଓ ଜମି ଭାଗ ସଂକ୍ରାନ୍ତ ମାମଲା ନେଇ ସରଜମିନ ତଦନ୍ତ କରାଯାଇଥିଲା।

## ଓଡ଼ିଶା ସୂଚନା ଆୟୋଗ ପକ୍ଷରୁ ଅଦାଲତ

# ୭୦ ଅଭିଯୋଗର ଶୁଣାଣି



କାର୍ଯ୍ୟକ୍ରମରେ ଉପସ୍ଥିତ ଅଭିଯୋଗକାରୀ ଓ ଅଧିକାରୀ ବୃନ୍ଦ।

**ବାରିପଦା ଅଫିସ, ୧୧।୧**

ଓଡ଼ିଶା ସୂଚନା ଆୟୋଗ ପକ୍ଷରୁ ମୟୂରଭଞ୍ଜ ଜିଲା ସଦର ମହକୁମା ବାରିପଦାରେ ସୂଚନା ଅଧିକାର ଆଇନ ଅନ୍ତର୍ଗତ ଅପିଲ ମାମଲା ଓ ଆପତ୍ତି ଅଭିଯୋଗ ସଂକ୍ରାନ୍ତ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିସହ ସୂଚନା ଅଧିକାର ଆଇନ ଧାରା ୪(୧) ଖ ଅଧିନିୟମ ଅନ୍ତର୍ଭୁକ୍ତ ସବିଶେଷ ତଥ୍ୟ ସ୍ୱେଚ୍ଛାକୃତ ପ୍ରକାଶ କରାଯିବା ସମ୍ପର୍କିତ ଆଲୋଚନାମୂଳକ ସମୀକ୍ଷା କରାଯାଇଥିଲା।

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଆୟୋଜିତ ଶିବିର ଅଦାଲତ ରାଜ୍ୟ ସୂଚନା କମିଶନର ଶଶିପ୍ରଭା ବିନ୍ଧାଣିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୟୂରଭଞ୍ଜ ଜିଲାରୁ ଓଡ଼ିଶା ସୂଚନା ଆୟୋଗଙ୍କ ନିକଟରେ ଦରଜ ହୋଇଥିବା ମୋଟ ୭୦ଟି ମାମଲା ଓ ଆରଟିଆଇ ଅପିଲ ତଥା ଆପତ୍ତି ଅଭିଯୋଗର ଶୁଣାଣି ହୋଇଥିଲା। ରାଜ୍ୟ ସୂଚନା ଆୟୋଗର ଓଏସ୍‌ଡି, ସମ୍ପୃକ୍ତ ପଦାଧିକାରୀ ଓ କର୍ମଚାରୀ ବୃନ୍ଦ ଶିବିର ଅଦାଲତ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ରାଜ୍ୟ ସୂଚନା କମିଶନର ବିନ୍ଧାଣି ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନର ଠିକ୍ କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ବିନ୍ଧାଣି କହିଥିଲେ, ସୂଚନା ଅଧିକାର ଆଇନ ୨୦୦୫ ବଳରେ ନାଗରିକଙ୍କୁ ତଥ୍ୟ ଜାଣିବାର ଅଧିକାର ପ୍ରଦାନ କରାଯାଇଛି। ବିଶେଷ କରି ସୂଚନା ଅଧିକାର ଆଇନ-୨୦୦୫ ଧାରା ୪ (୧) (ଖ) ଅଧିନିୟମ ଅନ୍ତର୍ଗତ ୧୭ ଦଫା ସମ୍ବଳିତ ସବିଶେଷ ତଥ୍ୟ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱେଚ୍ଛାକୃତ ଭାବେ ପ୍ରକାଶ କରାଯିବା ଉପରେ ଧ୍ୟାନ ଦେବାକୁ ସେ ସମସ୍ତ ପଦାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶିବିର ଅଦାଲତ ଓ ଆଲୋଚନା ବୈଠକରେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗ ପଦାଧିକାରୀଙ୍କ ପକ୍ଷରୁ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦିଆଯାଇଥିଲା। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଜିଲାପାଳ ତଥା ପିଆଇଓ, ନୋଡାଲ ଅଧିକାରୀ ପରମାନନ୍ଦ ପୃଷ୍ଟି ଏବଂ ବିଭିନ୍ନ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କାକର ସାଙ୍ଗକୁ ଘନ କୁହୁଡ଼ି



ଘାସରେ କାକର ବିନ୍ଦୁ।

**ଉଦଳା, ୧୧।୧ (ଡି.ଏନ.ଏ.)**

ଶିମିଳିପାଳ ପାଦଦେଶରେ ଅବସ୍ଥିତ ମୟୂରଭଞ୍ଜ ଜିଲା କପ୍ତିପଦା ଉପଖଣ୍ଡରେ ଏବେ ରାତିରେ ପ୍ରବଳ କାକର ପଡୁଥିବା ବେଳେ ସକାଳେ ଘନ କୁହୁଡିର ଚାଦର ସବୁ ଅଞ୍ଚଳକୁ ଢାଙ୍କି ରଖିଛି। ଦୁଇ ଦିନ ପୂର୍ବରୁ ବର୍ଷା ହୋଇ ଛାଡିବା ପରେ କୁହୁଡି ସାଙ୍ଗକୁ ଶୀତ ପରିମାଣ ବଢିବାରେ ଲାଗିଛି। ଆଦିବାସୀ ଅଧୁଷିତ ଏହି ଉପଖଣ୍ଡରେ ଦୁଇ ଦିନ ହେବ ଶୀତର ପ୍ରକୋପ ବହୁତ ଅଧିକ ରହିଛି। ଭୋର ସମୟରୁ ଆରମ୍ଭ କରି ପୂର୍ବାହ୍ନ ୮ଟା ପର୍ଯ୍ୟନ୍ତ କୁହୁଡିର ପ୍ରଭାବ ଲାଗି ରହୁଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ହେଉଛି। ସକାଳେ ମର୍ଣ୍ଣିଂ ୱାକ ପାଇଁ ଯାଉଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମିଛି। ଏହା ଦ୍ୱାରା ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ଶୀତ ପ୍ରକୋପରୁ ରକ୍ଷା ପାଇବା ଲାଗି ପାହାଡ ତଳି ଅଞ୍ଚଳର ଲୋକେ ନିଆଁ ପୁଇଁ ହେଉଥିବା ଦେଖିବାକୁ ମିଳିଛି।

## ଦ୍ୱାରଶୁଣୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ବାଙ୍ଗିରିପୋଷି,୧୧।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକର ଦ୍ୱାରଶୁଣି ବାଳିକା ଉଚ୍ଚ ବିଦ୍ୟାଳୟରେ ୪୧ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ମୁଖ୍ୟ ଅତିଥି ଏବଂ ଏସ୍‌ଏମସି ଚେୟାରମ୍ୟାନ ରଞ୍ଜନ କୁମାର ବେହେରା, ନରହରି ସାହୁ ଓ ମନୋରଞ୍ଜନ ବେହେରା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାତ୍ର ସଭାପତିତ୍ୱ କରି ବାର୍ଷିକ ବିବରଣୀ ପାଠ କରିଥିଲେ। କମଳ କୁମାର ହୋତା ଓ ଶ୍ରୀପତି ମହାନ୍ତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କତୀ ଛାତ୍ରୀଙ୍କୁ ଅତିଥି ମାନେ ମାନପତ୍ର ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ଗତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଦେବଲିସା ଗିରି ଓ କୁମାରୀ ଅଲ ଶର୍ମାଙ୍କୁ ବିଦ୍ୟାଳୟର ପ୍ରତିଷ୍ଠାତ ସ୍ୱର୍ଗତ ଭାରତୀ କୁମାର ଦାସଙ୍କ ସହଧର୍ମିଣୀ ପଦ୍ମଜା ଦାସ ମାନପତ୍ର ପ୍ରଦାନ ସହ ୫୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ। କୃତୀ ଖେଳାଳୀ ଭାବେ ଅଷ୍ଟମ ଶ୍ରେଣୀ ର ଛାତ୍ରୀ ବାସନ୍ତୀ ହେମ୍ବ୍ରମ ପୁରସ୍କୃତ ହୋଇଥିଲେ। ଶେଷରେ ରାମଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷୟତ୍ରୀ ମିନତି ଜେନା, ସୁଲଚୋନା ସ୍ୱାଇଁ, ମିତାଲି ନନ୍ଦି, ରୀନା ନିୟୋଗୀ, ନିରଞ୍ଜନ ବେହେରା, ଦେବଶ୍ରୀ ବେହେରା,ଚିନ୍ମୟୀ ମହାନ୍ତ,ଦିପିକା ବେହେରା,ସଂଘମିତ୍ରା ସି ପ୍ରମୁଖ ପରିଚଳାନା କରିଥିଲେ। ସନ୍ଧ୍ୟା ସମୟରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାର ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅବସରପ୍ରାପ୍ତ ବିଇଓ, ବାଙ୍ଗିରିପୋଷି ଜୟନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ।

## 'ସଂସ୍କାରିତ ଶିକ୍ଷାରୁ ମିଳେ ପ୍ରକୃତ ଜ୍ଞାନ'

**କୋଷ୍ଠା, ୧୧।୧(ଡି.ଏନ.ଏ.)**

ସଂସ୍କାରିତ ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରଙ୍କର ସର୍ବବିଧ ବିକାଶ ସମ୍ଭବ ହୋଇଥାଏ। ଶିକ୍ଷାର୍ଥୀମାନେ ପ୍ରକୃତ ଜ୍ଞାନର ଅଧିକାରୀ ହୋଇପାରିଥାନ୍ତି ବୋଲି ସ୍ଥାନୀୟ ଶିରିଡିସାଇ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଆୟୋଜିତ ସଭା ପରିଚାଳନା କରିଥିଲେ ଶିରିଡିସାଇ ସିବିଏସସି ସ୍କୁଲର ପ୍ରିନ୍ସିପାଲ ବିନୋଦ କୁମାର ଗିରି। ବାରିପଦାସ୍ଥିତ ଯୁକ୍ତ ୨ ସାଇ କଲେଜର ପରିଚାଳନା ନିର୍ଦ୍ଦେଶକ ଅମିୟ ଶଙ୍କର ସାହୁ ମୁଖ୍ୟ ଅତିଥି, ଭାରତୀୟ ମଜଦୁର ସଂଘର ଉପସଭାପତି, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱମ୍ଭର ଦାସ ମୁଖ୍ୟବକ୍ତା, ଶୁଳିଆପଦା ବ୍ଲକର ବିଇଓ ମାଳତୀ ଟୁଡୁ ଓ ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ସାତୁଆ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସ୍କୁଲର କ୍ରୀଡା ଓ ଅନ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସମ୍ବର୍ଦ୍ଧିତ ହେଲେ ୩୩ କୃତୀ ଛାତ୍ରୀଛାତ୍ର



ଅତିଥିମାନଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

**ବାରିପଦା ଅଫିସ,୧୧।୧**

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ଓରାଚନ୍ଦାବିଲା ଗ୍ରାମର ଭାଗବତଚନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୩ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଦେବବ୍ରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଉତ୍ପଳ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ଶିକ୍ଷକ ବିନୋଦ କୁମାର ସାମଲ, ପୂର୍ବତନ ସରପଞ୍ଚ ରାମହରି ମହାନ୍ତ, ସମିତିସଭ୍ୟା ଲାବଣ୍ୟବତୀ ମହାନ୍ତ, ସରପଞ୍ଚ ତପସ୍ୱିନୀ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ମହାନ୍ତ, ସଦସ୍ୟ କହ୍ନେଇଲାଲ ମହାନ୍ତ, ମନୋରମା ମହାନ୍ତ, ପ୍ରେମଚାନ୍ଦ ମହନ୍ତ, ୱାର୍ଡ ସଦସ୍ୟ ପଦ୍ମଲୋଚନ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଦୀପକ ରାମ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଦୀପକ କୁମାର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ମିତ କୁମାର ହାଁସଦା ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ବିଜୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କପ୍ତିପଦା ପଞ୍ଚାୟତ ସମିତି ବୈଠକ

### ୫ ବିଭାଗର ଅନୁପସ୍ଥିତି ନେଇ ଉଦ୍‌ବେଗ



ବୈଠକରେ ଉପସ୍ଥିତ ପ୍ରତିନିଧି ଓ ଅନ୍ୟମାନେ।

**କପ୍ତିପଦା,୧୧।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ପଞ୍ଚାୟତ ସମିତିର ଷଷ୍ଠ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଅଧକ୍ଷା ସୁଶୀଳା ବାନରା ଅଧକ୍ଷତା କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଡିଓ ବସନ୍ତ କୁମାର ପୃଷ୍ଟି ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବ୍ଲକ୍ ପରିସରସ୍ଥିତ ବୈଠକ ଗୃହରେ ଆୟୋଜିତ ଏହି ବୈଠକରେ ବ୍ଲକ୍ ଉପାଧକ୍ଷ ନୀଳମାଧବ ପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ସଦାଶିବ ବେହେରା, ମହିଳା ଶିଶୁ ବିକାଶ, ଶିକ୍ଷା, କୃଷି, ମତ୍ସ୍ୟ, ଜଳ ଓ ପରିମଳ, ପଶୁ ସମ୍ପଦ, ସାଧାରଣ ବଣ୍ଟନ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟ, ବିଜୁଳି, ଉଦ୍ୟାନ, ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କେହି ବୈଠକରେ ଉପସ୍ଥିତ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ସ୍ୱାସ୍ଥ୍ୟସେବା ଓ ଅନ୍ୟ ଯୋଜନାରେ ଅବ୍ୟବସ୍ଥା ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା।

କପ୍ତିପଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବେ ବିଶେଷଜ୍ଞଶୂନ୍ୟ ହୋଇପଡ଼ିଛି। ଏହି ଡାକ୍ତରଖାନା ଅଧୀନରେ ଥିବା ଶାଳଚୁଆ, କଳମଗଡ଼ିଆ, ଶରତ, କଟୁରିଆ, ପୋଡ଼ାଡ଼ିହା, ନଛିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଡାକ୍ତର ନ ଥିବାରୁ ନିର୍ବାଚିତ ସମସ୍ତ ସଦସ୍ୟାସଦସ୍ୟ କ୍ଷୋଭ ପ୍ରକାଶ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯକାରିତା ସମେତ ଚାଲୁ ରହିଥିବା ବିଭିନ୍ନ ଯୋଜନା ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଚିଙ୍କିମଣି ନାଏକ, ସସ୍ମିତା ସିଂ ପୂର୍ତ୍ତି ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଜିପିଇଓ ପ୍ରଭାସ ଚନ୍ଦ୍ର ଭୋଇ ପୂର୍ବ ବିବରଣୀ ପାଠ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଅଧ୍ୟବସାୟ ସଫଳତାର ଚାବିକାଠି'

**କୁଆମରା,୧୧।୧(ଡ଼ି.ଏନ୍.ଏ.)**

ଗୋପବନ୍ଧୁ ନଗର ବ୍ଲକ ଅଧୀନ କୁଆମରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫୫ ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କଠିନ ଅଧ୍ୟବସାୟ ଛାତ୍ରୀଛାତ୍ରଙ୍କ ସଫଳତାର ମାପକାଠି ବୋଲି ଅତିଥି ଓ ବକ୍ତାମାନେ କହିଥିଲେ। ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପୁନ୍ଦାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ନୃସିଂହ ଚରଣ ସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ବେତନଟୀ କଲେଜର ଅବସରପ୍ରାପ୍ତ ଅଧକ୍ଷ ଶ୍ରୀବତ୍ସ ସାମଲ, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁମନ୍ତ କୁମାର ଦାସ, ହରିହର ଦାଶ, ପରିଚାଳନା କମିଟି ସଭାପତି କୁଳମଣି ବେହେରା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଦାସ ଏଥିରେ ଅଧକ୍ଷତା କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସୁଶାନ୍ତ କୁମାର ମହାନ୍ତ। ସନ୍ଧ୍ୟାରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଏମ୍‌ପିସି ଅଟୋନୋମସ କଲେଜର ବାର୍ଷିକ କ୍ରୀଡ଼ା

# କରୁଣାକର ଓ ସନିଆ ଚାମ୍ପିୟନ



ଅତିରିକ୍ତ ଜିଲାପାଳ ଉଦବୋଧନ ଦେଉଛନ୍ତି।

**ବାରିପଦା ଅଫିସ,୧୧।୧**

ବାରିପଦା ସହର ତକତପୁର ସ୍ଥିତ ଏମପିସି ଅଟୋନୋମସ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ସ୍ୱଧତା ଦେବ ସିଂ ମୁଖ୍ୟ ଅତିଥୀ ଓ ଡ. ଛତୀଶ ଚନ୍ଦ୍ର ଧଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ କ୍ରୀଡା ଉତ୍ସବରେ ଛାତ୍ର ବିଭାଗରେ ୧୪ ଓ ଛାତ୍ରୀ ବିଭାଗରେ ୧୩ ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ଛାତ୍ର ବିଭାଗରେ କରୁଣାକର ମାଝୀ ଓ ଛାତ୍ରୀ ବିଭାଗରେ ସନିଆ ମାରାଣ୍ଡି ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ଅତିଥିମାନେ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡା ଶିକ୍ଷକ ସତ୍ୟନାରାୟଣ ବାରିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଅଧକ୍ଷା ଡ. ଝରଣା ବେହେରା, ଉପସଭାପତି ଡ.ଦୁର୍ଗାଚରଣ ପାତ୍ର, ସହ ଉପସଭାପତି ରାଇମଣି ମାରାଣ୍ଡି, ଡ.ସୁର୍ଯ୍ୟେନ୍ଦୁ କୁମାର ଦାଶ, ଡ.ଏସକେ କିସ୍କୁ, ପ୍ରିୟବ୍ରତ ବେହେରା, ଅନାମ ଚରଣ ରାଉଳ, ଅରୁଣ ରୟ, ମେଜର ପ୍ରଣବ କୁମାର ମହାପାତ୍ର, ଏସକେ ମାଇତି, ଠାକୁରା କିସ୍କୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଆଇଟିଡିଏ କାର୍ଯ୍ୟାଳୟରେ ତାଲା ପକା ଘଟଣା

### ଏମ୍‌ପି, ବିଧାୟକଙ୍କ ଗିରଫ ଦାବି କରି ବିକ୍ଷୋଭ

**ରାଇରଙ୍ଗପୁର, ୧୧।୧(ଡି.ଏନ୍.ଏ.)**

ସ୍ଥାନୀୟ ରାଇରଙ୍ଗପୁର ଆଇଟିଡିଏ ପିଏଙ୍କ କାର୍ଯ୍ୟାଳୟରେ ତାଲା ପକାଯିବା ଘଟଣା ନେଇ ରାଜନୈତିକ ବିବାଦ ଜୋର ଧରିଛି। ଆଇଟିଡିଏ ପିଏଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୟୂରଭଞ୍ଜ ଭାଜପା ଏମପି ଇଂ. ବିଶେଶ୍ୱର ଟୁଡୁ ଏବଂ ବିଧାୟକ ନବଚରଣ ମାଝୀଙ୍କ ନାମରେ ଗତ ୯ ତାରିଖରେ ମାମଲା ରୁଜୁ କରିଛି। ତୁରନ୍ତ ସେମାନଙ୍କୁ ଗିରଫ କରାଯାଉ ବୋଲି ଶନିବାର ଶାସକ ବିଜେଡି ପକ୍ଷରୁ ଦାବି କରାଯାଇ ସ୍ଥାନୀୟ ଦୁର୍ଗାମଣ୍ଡପ ଛକ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ବିକ୍ଷୋଭକାରୀମାନେ ରାଇରଙ୍ଗପୁର ସର୍କଲ ଏସ୍‌ଡିପିଓ ସ୍ନେହାଶୀଷ ସାହୁଙ୍କ ଭେଟି ଦାବି ଉପସ୍ଥାପନ କରିଥିଲେ। ଘଟଣାର ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ସେମାନଙ୍କୁ କହିଥିଲେ।

## ରାଜ୍ୟସ୍ତରୀୟ ସିପକଟାକ୍ର ପ୍ରତିଯୋଗିତା

# ମୟୂରଭଞ୍ଜ ବାଳିକା ଟିମ୍ ରନର୍ସ ଅପ୍

**ବାରିପଦା ଅଫିସ,୧୧।୧**

ରାଜ୍ୟ ବିଦ୍ୟାଳୟ ସ୍ତରୀୟ ୧୭ ବର୍ଷରୁ କମ ବାଳିକା ଓ ବାଳକ ବର୍ଗର ସିପକଟାକ୍ର ପ୍ରତିଯୋଗିତା ଗତ ୯ ଓ ୧୦ ତାରିଖ ଦୁଇ ଦିନ ଧରି ପୁରୀ ଜିଲା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲାର ବାଳିକା ଟିମ୍ ରନର୍ସଅପ ହୋଇଛି। ଫାଇନାଲରେ ଭଦ୍ରକ ଦଳଠାରୁ ପରାସ୍ତ ହୋଇ ମୟୂରଭଞ୍ଜ ଦଳ ରନର୍ସ ଅପ୍ ହୋଇଛି। ବାଳିକା ଟିମ୍‌ରେ ପାନ ମୁର୍ମୁ, ହିସି ହେମ୍ବ୍ରମ ଓ ଅନା ହେମ୍ବ୍ରମ ଥିବା ବେଳେ ବାଳିକା ଟିମ ମ୍ୟାନେଜର ଭାବେ ପିଟିଆଇ ପ୍ରିୟଙ୍କା ଯେଶୱାଲ ପୁରୀ ଗସ୍ତରେ ଯାଇଥିଲେ। କୃତୀ ଟିମ୍‌କୁ ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଭାଗୀରଥି ମଲିକ, ଭାଗବତଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବ୍ରତ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ କହ୍ନେଇଲାଲ ମହାନ୍ତ ଓ ଶାରିରୀକ ଶିକ୍ଷା ଶିକ୍ଷକ ଦୀପକ ରାମ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ବାଳିକା ଟିମ ସଦସ୍ୟା ଓ ଅନ୍ୟମାନେ।

## ଜନ୍ମବାର୍ଷିକୀ ସମାରୋହ

**ଖୁଣ୍ଟା,୧୧।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ସ୍ଥାନୀୟ ଖୁଣ୍ଟା ଆରସିଏମଏସ ନିକଟ ପଡ଼ିଆରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଖୁଣ୍ଟା ଓ ଗୋପବନ୍ଧୁନଗର ବ୍ଲକ ଶାଖା ପକ୍ଷରୁ ଶନିବାର ଦିସମ ଗୁରୁ ତଥା ଝାଡ଼ଖଣ୍ଡ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ୭୬ ତମ ଜନ୍ମ ବାର୍ଷକୀ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଗୋପବନ୍ଧୁ ନଗର ବ୍ଲକ ସଭାପତି ଶ୍ରୀରାମ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ନେତୃ ମଣ୍ଡଳୀ ଦିସମ ଗୁରୁଙ୍କର ସମାଜ ସେବା, ନିଷ୍ଠା ଓ ରାଜନୈତିକ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆଗାମୀ ତ୍ରିସ୍ତରୀୟ ନିର୍ବାଚନକୁ ଆଖି ଆଗରେ ରଖି ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବା ପାଇଁ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଖୁଣ୍ଟା ବ୍ଲକ ସଭାପତି କାମରାଜ ସୋରେନ, ସମ୍ପାଦକ ବିକ୍ରମ ମୁର୍ମୁ, ଉପସଭାପତି ସୁନୀଲ ଟୁଡୁ,ଗୋପବନ୍ଧୁ ନଗର ସମ୍ପାଦକ ପୀଥନାଥ କାର୍ଜି ଓ ସହ ସମ୍ପାଦକ ବୁଧିଆ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ରବିବାର, ଜାନୁୟାରୀ ୧୨/୨୦୨୦ Balasore, Sunday, January 12/2020


## ସଂକ୍ଷେପରେ

### ଜମାଖାତାରୁ ଟଙ୍କା ଗାଏବ

**ଭଦ୍ରକ ଅଫିସ, ୧୧।୧:** ଭଦ୍ରକ ଗ୍ରାମାଞ୍ଚଳ ଥାନା କୋରଣ୍ଟ ଗ୍ରାମର ପ୍ରେମାନନ୍ଦ ମହାପାତ୍ରଙ୍କ ଜମାଖାତାରୁ ଦୁଇଥରରେ ଏଟିଏମ୍ ଯୋଗେ ୪୦ ହଜାର ଟଙ୍କା କେହି ଉଠାଇ ନେଇଛନ୍ତି। ଏହା ଜାଣିପାରି ପ୍ରେମାନନ୍ଦ ଶୁକ୍ରବାର ଭଦ୍ରକ ଷ୍ଟେଟବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଦିଲ୍ଲୀରୁ ଦୁଇଥରରେ ଏହି ଟଙ୍କା ଉଠା ଯାଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ ଜାଣିବାକୁ ପାଇଛନ୍ତି। ଏହିଭଳି ଠକେଇ ହେଉଥିବାରୁ ଗ୍ରାହକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

### ଅଭିନବ ଉପାୟରେ ସୁନାଚେନ୍ ଲୁଟ୍

**ଭଦ୍ରକ ଅଫିସ, ୧୧।୧:** ସ୍ଥାନୀୟ ବାଲିଖଣ୍ଡ ଅଞ୍ଚଳର ଜଣେ ମହିଳାଙ୍କଠାରୁ ଶନିବାର ମଧ୍ୟାହ୍ନରେ ଅଭିନବ ଉପାୟରେ ଜଣେ ଯୁବକ ସୁନାଚେନ୍ ଲୁଟି ନେଇଛନ୍ତି। ସୂଚନା ଅନୁସାରେ, ବାଲିଖଣ୍ଡର ସତ୍ୟଭାମା ବାରିକ ତାଙ୍କ ଛୋଟପୁଅ ସହ ଭଦ୍ରକ ମେଡିକାଲ ଆସିଥିଲେ। ମେଡିକାଲ ନିକଟରେ ଜଣେ ଯୁବକ ତାଙ୍କ ସ୍ୱାମୀଙ୍କ ପରିଚିତ ହୋଇଥିବା ଚିହ୍ନା ଦେଇଥିଲେ। ଡାକ୍ତରଖାନାକୁ ସୁନାଚେନ୍ ପିନ୍ଧି କାହିଁକି ଆସିଛ ବୋଲି ସେ ସତ୍ୟଭାମାଙ୍କୁ କହି ବ୍ୟାଗ୍‌ରେ ରଖିବାକୁ କହିଥିଲେ। ସତ୍ୟଭାମା ବେକରୁ ସୁନାଚେନ୍ କାଢ଼ି ବ୍ୟାଗ୍‌ରେ ରଖିଥିଲେ। ଯୁବକ ଜଣଙ୍କ ବ୍ୟାଗ୍‌ରୁ ଚତୁରତାର ସହ ଚେନ୍ କାଢ଼ି ନେଇ ଫେରାର ହୋଇଯାଇଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଏ ନେଇ ଥାନାରେ ଅଭିଯୋଗ କରାଯାଇ ନାହିଁ।

### ଗଞ୍ଜେଇ ଜବତ: ୨ ଗିରଫ

**ପଦ୍ମପୁର/ଧାମନଗର, ୧୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଓ ଧାମନଗର ବ୍ଲକ ଅଞ୍ଚଳରୁ ପୋଲିସ ଗଞ୍ଜେଇ ଜବତ କରିଥିବା ବେଳେ ୨ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ନାୟକାଣିଡିହୀ ଥାନା ପୋଲିସ ଗିରଫ କରିଥିବା ଗଞ୍ଜେଇ ବେପାରୀ ହେଲେ କରଞ୍ଜଆଡ଼ିଆ ଗ୍ରାମର ବିଶ୍ୱନାଥ ସୂତାର। ନାୟକାଣିଡିହୀ ମାଛହାଟରେ ଚୋରା ଗଞ୍ଜେଇ ବିକ୍ରି ହେଉଥିବା ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଏସ୍ଆଇ ନିରୋଦ କୁମାର ମଲ୍ଲିକ ବିଶ୍ୱନାଥଙ୍କଠାରୁ ୧ କେଜି ୧୬୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୫/୨୦) ରୁଜୁ କରାଯାଇ ଶନିବାର ବିଶ୍ୱନାଥଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେହିପରି ଧାମନଗର ଥାନା ଅଧୀନ ସୋଦଡା ପଞ୍ଚାୟତ ମାନାଲାପୁର ଗ୍ରାମର ରାଜକିଶୋର ପାଣିଗ୍ରାହୀଙ୍କୁ ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ପୋଲିସ ଗିରଫ କରିଛି। ଶୁକ୍ରବାର ରାତିରେ ପୋଲିସ ପାଟ୍ରୋଲିଂ ସମୟରେ ରାଜକିଶୋରଙ୍କ ଗ୍ରୋସରୀ ଦୋକାନରେ ଚଢ଼ାଉ କରିଥିଲା। ଦୋକାନରୁ ୧୧୦ ଗ୍ରାମ ଗଞ୍ଜେଇ ବାହାରିଥିଲା। ପୋଲିସ ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଥାନାକୁ ଆଣି ତଦନ୍ତ କରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୫/୨୦) ରୁଜୁ କରାଯାଇ ଶନିବାର ଗିରଫ ରାଜକିଶୋରଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବେଆଇନ ମଦ ବିକ୍ରି ଅଭିଯୋଗ: ୩ ଗିରଫ

**ଭଣ୍ଡାରିପୋଖରୀ, ୧୧।୧(ଡି.ଏନ.ଏ.):** ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ଶନିବାର ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମଦ ଜବତ କରାଯାଇଛି। ଏଥିସହ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଏହି ବ୍ଲକ ଅଞ୍ଚଳରେ ଚୋରାରେ ମହୁଲି ମଦ ବିକ୍ରି ଦିନକୁ ଦିନ ବୃଦ୍ଧି ପାଉଥିବା ଅଭିଯୋଗ ହୋଇଆସୁଥିଲା। ଶନିବାର ମାଜିଷ୍ଟ୍ରେଟ ଭାବେ ଧାମନଗର ଅତିରିକ୍ତ ତହସିଲଦାର ଲଗ୍ନଜିତ୍ ବେହେରା, ଅବକାରୀ ସବ୍‌ଇନ୍ସପେକ୍ଟର ସଞ୍ଜୟ ପଣ୍ଡା, ଧନେଶ୍ୱର ବରାଳ ଓ ଗୌତମ ସାହୁ ପାଟୁଳି, ବଡ଼କଣ୍ଟାପଡ଼ା, କୋଟସିରା ଗ୍ରାମରେ ଚଢ଼ାଉ କରିଥିଲେ। ବେଆଇନ ମଦ ବିକ୍ରି କରିବା ଅଭିଯୋଗରେ ପାଟୁଳି ଗ୍ରାମର ଭାବଗ୍ରାହୀ ସାମଲ, କୋଟସିରାର ଲକ୍ଷ୍ମୀ ଜେନା ଓ ବଡ଼କଣ୍ଟାପଡ଼ାର କେଶବ ପେରେଇଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ଚିକିତ୍ସା ବାବଦ ଅର୍ଥ ଦେଇପାରିଲେନି ଆତ୍ମୀୟସ୍ୱଜନ

# ୩୬ ଘଣ୍ଟା ଅଟକ ରହିଲା ମୃତଦେହ

**ରାଇରଙ୍ଗପୁର, ୧୧।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଯଶୀପୁର ଥାନା ବାଉଁଶନାଳୀ ଗ୍ରାମର ବିଶ୍ୱେଶ୍ୱର ନାୟକ (୨୪) ନାମକ ଜଣେ ଯୁବକ ସଡକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଗତ ୩ ତାରିଖରୁ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ୭ ଦିନ ଚିକିତ୍ସିତ ହେବା ପରେ ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୫ଟାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦକୁ ଉପସ୍ଥିତ ଆତ୍ମୀୟ ସ୍ୱଜନ ୫୫ ହଜାର ଟଙ୍କା ଦେଇଥିଲେ ମଧ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ଆଉ ୬୫ ହଜାର ଟଙ୍କା ଦାବି କରିଥିଲେ। ସେମାନେ ଟଙ୍କା ଦେଇ ନ ପାରିବାରୁ ମୃତଦେହକୁ ଛଡା ଯାଇ ନ ଥିଲା। ଏହାମଧ୍ୟରେ ବିତି ଯାଇଥିଲା ୩୬ ଘଣ୍ଟା। ଟଙ୍କା ପାଇ ପାରି ନ ଥିଲେ ମଧ୍ୟ ଶେଷରେ ଡାକ୍ତରଖାନା ପକ୍ଷରୁ ସ୍ଥାନୀୟ ପୋଲିସ ଉପସ୍ଥିତିରେ ମୃତଦେହକୁ ଛାଡି ଦିଆଯାଇଥିଲା। ମୃତକଙ୍କ ଆତ୍ମୀୟ ସ୍ୱଜନ ଗରିବ ହୋଇ ଥିବାରୁ ଟଙ୍କା ଯୋଗାଡ କରି ନ ପାରି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ପାଇଥିବା କାର୍ଡ ଦେଖାଇଥିଲେ। ସେମାନେ ଏହାକୁ ଗ୍ରହଣ କରି ନ ଥିଲେ। ମୃତକଙ୍କ ଦାଦା ତରଣୀ ନାୟକ ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିକଟରେ ଏହି ଅଭିଯୋଗ କରି କହିଛନ୍ତି, ଶୁକ୍ରବାର ଅପରାହ୍ନରେ ମୃତଦେହ ଛଡାଯିବା ପରେ ସେମାନେ କୌଣସି ପ୍ରକାରେ ଏକ ଗାଡି ଭଡା କରି ରାଇରଙ୍ଗପୁର ହସ୍‌ପିଟାଲକୁ ଆଣିଥିଲେ। ଖବର ପାଇ ବିଶୋଇ ଥାନା ପୋଲିସ ପହଞ୍ଚି ଶନିବାର ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ପରେ ସେମାନେ ମୃତଦେହକୁ ଗାଁକୁ ନେଇଯାଇଥିଲେ। ଗତ ମାସ ୨୬ ତାରିଖରେ ବିଶେଶ୍ୱର ଏକ ସ୍କୁଟିରେ ୪୯ନମ୍ବର ଜାତୀୟ ରାଜପଥରେ ଗାଁକୁ ଫେରୁଥିବା ବେଳେ ବିଶୋଇ ଥାନା ଅନ୍ତର୍ଗତ ମଣଦା ନିକଟରେ ଅଜଣା ଗାଡି ଧକ୍କାରେ ଆହତ ହୋଇଥିଲେ। ସେତେବେଳେ ତାଙ୍କୁ ଯଶୀପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ବିଶୋଇ ଥାନା ପୋଲିସ ଏକ ମାମଲା (ନଂ. ୧୦୯/୧୯) ରୁଜୁ କରିଥିଲା। ଏ ସମ୍ପର୍କରେ ଶନିବାର ରାଇରଙ୍ଗପୁର ହସ୍‌ପିଟାଲକୁ ତଦନ୍ତ ଲାଗି ଆସିଥିବା ମଣଦା ଫାଣ୍ଡି ଅଧିକାରୀ ଉମେଶ ନାୟକଙ୍କୁ ପଚାରିବାରୁ ତଦନ୍ତ ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ପରିବା ଦୋକାନୀଙ୍କଠାରୁ ବ୍ରାଉନସୁଗାର ଜବତ

**ସିମୁଳିଆ, ୧୧।୧(ଡି.ଏନ.ଏ.)**


ଅଭିଯୁକ୍ତ ଉପେନ୍ଦ୍ର ସୂତାର।

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ଉପେନ୍ଦ୍ର ସୂତାର ଓରଫ ପେଟୁ (୫୦) ନାମକ ପରିବା ଦୋକାନୀଙ୍କ ନିକଟରୁ ୧୫ଗ୍ରାମ ୭ଶହ ମିଲିଗ୍ରାମ (୧୫.୭)ର ବ୍ରାଉନସୁଗାରକୁ ପୋଲିସ ଜବତ କରିବା ସହିତ ତାଙ୍କୁ ଗିରଫ କରିଛି।

**ଯୋଗାଉଥିଲେ ଜଣେ ମହିଳା**

ଉପେନ୍ଦ୍ର ବାଉନସୁଗାର କାରବାର କରୁଥିବା ପୋଲିସ ସୂଚନା ପାଇଥିଲା। ଶୁକ୍ରବାର ରାତିରେ ଉପେନ୍ଦ୍ରଙ୍କୁ ଡିଏସ୍‌ପି ମନୋଜ କୁମାର ରାଉତଙ୍କ ସମେତ ସିମୁଳିଆ ପୋଲିସ ଚଢ଼ାଉ କରି ମଇତାପୁର ଛକରୁ ତାଙ୍କୁ ଧରିଥିଲେ। ତାଙ୍କ ଘର ନିକଟସ୍ଥ ହାଟମଇତାପୁର ଅଞ୍ଚଳରେ। ତାଙ୍କ ନିକଟରୁ ବ୍ରାଉନସୁଗାର ସମେତ ନଗଦ ୧୪ହଜାର ୨୭୦ଟଙ୍କା ଓ ଏକ ମୋବାଇଲ ମଧ୍ୟ ଜବତ ହୋଇଛି। ଶନିବାର ମାଜିଷ୍ଟ୍ରେଟ ରୂପେ ତହସିଲଦାର ରବିନାରାୟଣ ସାହୁ ଥାନାରେ ପହଞ୍ଚି ଅଭିଯୁକ୍ତଙ୍କ ବୟାନ ନେଇଥିଲେ। ତେବେ ତାଙ୍କୁ ଜଣେ ମହିଳା ଏହା ଯୋଗାଉଥିବା ଉପେନ୍ଦ୍ର ପୋଲିସକୁ କହିଛନ୍ତି। ପୋଲିସ ଏକ ମାମଲା (ନଂ. ୧୦/୨୦) ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ପର୍ଶୁରାମ ସାହୁ ସୂଚନା ଦେଇଛନ୍ତି।

ବାଲେଶ୍ୱରରେ ବ୍ରାଉନସୁଗାର ର୍‍ୟାକେଟର ପର୍ଦ୍ଦାଫାଶ ପରେ ଏହାର ଚେର ଜିଲାର ବିଭିନ୍ନ ବ୍ଲକକୁ ଲମ୍ବିଛି। ଗୋବିନ୍ଦପୁର, ଜାମୁଖାଡ଼ି, ଅଡା, ମଇତାପୁର ଆଦି ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗାର ଯୋଗାଣ ଚାଲିଥିବା ତଦନ୍ତ ବେଳେ ଜଣାପଡିଛି।

## ‘ବଳଦେବଜୀଉ ମନ୍ଦିର, ସୀତାବିଞ୍ଜିର ବିକାଶ କରାଯାଉ’

### ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କଲା କେନ୍ଦୁଝର ବିକାଶ ପରିଷଦ

**ଭୁବନେଶ୍ୱର, ୧୧।୧(ବ୍ୟୁରୋ)**

ରାଜ୍ୟ ସରକାର ପୁରୀସ୍ଥିତ ଶ୍ରୀମନ୍ଦିର, ରାଜଧାନୀର ଲିଙ୍ଗରାଜ ମନ୍ଦିର ଏବଂ କୋଣାର୍କର ସୂର୍ଯ୍ୟ ମନ୍ଦିର ବିକାଶ ପାଇଁ ନୂଆ ଘୋଷଣା କରିଛନ୍ତି। ପ୍ରସ୍ତାବିତ ସ୍ଥାନରେ ଯୋଜନା ଅନୁଯାୟୀ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ସେହିକ୍ରମରେ କେନ୍ଦୁଝର ଜିଲାର ବଳଦେବଜୀଉ ମନ୍ଦିର ଓ ଭାରତ ପ୍ରସିଦ୍ଧ ସୀତାବିଞ୍ଜିର ବିକାଶ, ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରାଯାଇଛି। ଏ ସମ୍ପର୍କିତ ଦାବି ନେଇ ଗତ ଶୁକ୍ରବାର କେନ୍ଦୁଝର ବିକାଶ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି।

ପରିଷଦର ଆବାହକ ପ୍ରଦୀପ କୁମାର ଦାସ କହିଛନ୍ତି ଯେ, ବଳଦେବଜୀଉ ମନ୍ଦିର ଏକ ପ୍ରାଚୀନ କୀର୍ତ୍ତି। ତେଣୁ ଏହାର ରକ୍ଷଣାବେକ୍ଷଣ, ପାରିପାର୍ଶ୍ୱିକ ବିକାଶ କରାଯାଉ। ଏଥିସହିତ ଏହାର ସୁପରିଚାଳନା ପାଇଁ ସ୍ଥାୟୀ ବ୍ୟବସ୍ଥା କରାଯାଉ। ଅନୁରୂପଭାବେ ସୀତାବିଞ୍ଜିର ପ୍ରସ୍ତର ମୂର୍ତ୍ତି , ଜଙ୍ଗଲ, ରାବଣ ଛାୟା ଓ ପ୍ରାଚୀନ ସଭ୍ୟତାର ଭଗ୍ନାବଶେଷ ସୁରକ୍ଷା ପାଇଁ ଅନୁରୋଧ କରାଯାଇଥିବା ପ୍ରଦୀପ କହିଛନ୍ତି। ଏକ ୩ ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)କୁ ଯାଇ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହାଡିବନ୍ଧୁ ପଟ୍ଟନାୟକ, ଡମ୍ବୁରୁଧର ଘଣା ଏହି ସମୟରେ ଉପସ୍ଥିତ ରହିଥିଲେ।

## ଅପେରା ଦେଖିବାକୁ ଯାଇଥିବା ଯୁବକଙ୍କୁ ହତ୍ୟା ଉଦ୍ୟମ

**ବନ୍ତ, ୧୧।୧(ଡି.ଏନ.ଏ.)**

**୧୪ ଜଣଙ୍କ ନାଁରେ ମାମଲା**

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ବନ୍ତ ବଜାରଠାରେ ଚାଲିଥିବା ଅପେରା ଦେଖିବାକୁ ଯାଇଥିବା ଜଣେ ଯୁବକଙ୍କୁ ଶୁକ୍ରବାର ବିଳମ୍ବିତ ରାତିରେ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ବନ୍ତ ଥାନାରେ ୧୪ ଜଣଙ୍କ ନାଁରେ ମାମଲା(ନଂ.୨/୨୦) ରୁଜୁ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ଆକ୍ରମଣରେ ଆହତ ଯୁବକଙ୍କୁ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ହେଲେ ଟିଲୋ ବଡ଼ସାହି ଗ୍ରାମର ଅବିନାଶ ସ୍ୱାଇଁ। ଅଭିଯୋଗ ଅନୁଯାୟୀ, ଅବିନାଶ ଶୁକ୍ରବାର ରାତିରେ ଅପେରା ଦେଖିବାକୁ ଯାଇଥିଲେ। ନାଟକ ମଝିରେ ସେ ବାହାରକୁ ଆସିଥିଲେ। ଯାତ୍ରା ଟେଣ୍ଟ ବାହାରେ କେତେଜଣ ଯୁବକ ମିଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।


ଜିଲାପାଳଙ୍କ ନିକଟକୁ ଆସିଥିବା ଗ୍ରାମବାସୀ।

## ସିଲିଣ୍ଡରରୁ ଗ୍ୟାସ୍ ଚୋରି ଘଟଣା

# କାର୍ଯ୍ୟାନୁଷ୍ଠାନ ନ ହେଲେ ଘେରାଉ ଚେତାବନୀ

**ବାଲେଶ୍ୱର ଅଫିସ, ୧୧।୧:** ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଜୟଦେବକସପା, ଗୁଡ଼, ରଣସାହି, ହିଡ଼ିଙ୍ଗା, ଗେଙ୍ଗୁଟି, ସାରଗାଁ ପଞ୍ଚାୟତର ଗ୍ୟାସ୍ ଉପଭୋକ୍ତାମାନଙ୍କ ପାଇଁ ଗୁଡୁପାହିରେ ଏକ ଗ୍ୟାସ୍ ବିତରଣ କେନ୍ଦ୍ର ରହିଛି। ଉକ୍ତ କେନ୍ଦ୍ରରେ କର୍ମଚାରୀମାନେ କମ୍ପାନୀରୁ ଭର୍ତ୍ତି ହୋଇଆସୁଥିବା ସିଲିଣ୍ଡରୁ ୨ରୁ ୩କେଜି ଲେଖାଏଁ ଗ୍ୟାସ୍ ବାହାର କରିନେଇ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯାଉଥିବା ଭିଡ଼ିଓ ଭାଇରାଲ୍ ହେବା ପରେ ଅଭିଯୋଗ ହେବା ସହ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ଉକ୍ତ ଅଞ୍ଚଳର ଗ୍ରାମବାସୀ ବିତରକ ସଂସ୍ଥା ବନ୍ଦ କରିବା ସହ ମାଲିକଙ୍କୁ ଗିରଫ କରିବା ପ୍ରତିବାଦରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏନେଇ ୨୦୧୯ ଡିସେମ୍ବର ୩୧ତାରିଖରେ ଚାନ୍ଦିପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବାରୁ ସ୍ଥାନୀୟ ଲୋକେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି। ଆସନ୍ତା ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଜିଲା ଯୋଗାଣ ଅଧିକାରୀଙ୍କ ଅଫିସ୍ ଘେରାଉ କରି ବିକ୍ଷୋଭ କରାଯିବ ବୋଲି ଗ୍ରାମବାସୀ ଶ୍ୟାମସୁନ୍ଦର ମଲିକ, ରାଜେନ୍ଦ୍ର ପାତ୍ର, ବିପିନ ବିହାରୀ ଦାସ, ସୁଶାନ୍ତ କୁମାର ବାରିକ, ଆଲୋକ କୁମାର ପତି, ପ୍ରଦୀପ ବେହେରା, ଅନିରୁଦ୍ଧ ବଳ ଓ ସୁକାନ୍ତ କୁମାର ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଜାଳ ସଂଗ୍ରହ ବେଳେ ମିଳିଲା ଶିବଲିଙ୍ଗ

**ଖଇରା, ୧୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଜଳଦା ପଞ୍ଚାୟତ ଅଧୀନ ସାଦିକପୁର ଗ୍ରାମର ମୋହନ ମହାନ୍ତି ଜାଳ ଉଦ୍ଦେଶ୍ୟରେ ମାଉସୀ ବାଡି ମନ୍ଦିର ନିକଟରେ ଥିବା ପୋଲ କଡରେ କିଛି ଅମରିଗଛ କାଟି ଶୁଖାଇଥିଲେ। ଇତିମଧ୍ୟରେ ମୋହନ ମହାନ୍ତିଙ୍କ ପରଲୋକ ହେବାର ଅନ୍ୟୁନ ୨୦ଦିନ ବିତିଯାଇଛି। ଶନିବାର ସ୍ୱର୍ଗତ ମୋହନଙ୍କ ନାତି ଉକ୍ତ ଜାଳ ସଂଗ୍ରହ ପାଇଁ ଶୁଖିଲା ଅମରି ସଂଗ୍ରହ କରୁଥିବା ବେଳେ ଗୋଡରେ ପଥର ବାଜିବାରୁ ସେ ଝୁଣ୍ଟି ପଡି ସାଙ୍ଗମାନଙ୍କୁ ଡାକିଥିଲେ। ସାଙ୍ଗମାନେ ପହଞ୍ଚିବା ପରେ କଣ୍ଟାବୁଦା ସଫା କରି ତାହା ଦେଖିବା ପରେ ତାହା ଏକ ଶିବ ଲିଙ୍ଗ ବୋଲି ଜଣାପଡିଥିଲା। ପରେ ତାକୁ ଧୁଆଧୋଇ କରି ଗ୍ରାମବାସୀ ଜଗନ୍ନାଥଙ୍କ ମାଉସୀବାଡି ହେଉଥିବା ଗୃହ ଚାନ୍ଦିନୀରେ ରଖିଥିଲେ। ପରେ ଗ୍ରାମବାସୀ ବସି ଏ ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି ପୂର୍ବତନ ୱାର୍ଡସଭ୍ୟ ଅତୁଲ୍ୟ ନାୟକ କହିଛନ୍ତି।


ଉଦ୍ଧାର ହୋଇଥିବା ଶିବ ଲିଙ୍ଗ।

## ଶିକ୍ଷକଙ୍କ ଆକସ୍ମିକ ମୃତ୍ୟୁ

**ଧାମନଗର, ୧୧।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଖଡ଼ିମାହାରା ଗ୍ରାମର ସଂସ୍କୃତ ଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ଶନିବାର ପୂର୍ବାହ୍ନରେ ଆକସ୍ମିକ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ନିରଞ୍ଜନ କାଶିମପୁର ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ଥିଲେ। ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସେ ବିଦ୍ୟାଳୟରୁ ବାଇକ୍‌ରେ ଘରକୁ ଫେରୁଥିଲେ। ଧୂଷୁରୀ ବଜାରଠାରେ ଗାଡ଼ିରୁ ଓହ୍ଲାଇ ମେଡିସିନ ପାଇଁ ଷ୍ଟୋରକୁ ଯାଉଥିବାବେଳେ ତଳେ ପଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଧୂଷୁରୀ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନିରଞ୍ଜନଙ୍କ ସାନ ଭାଇଙ୍କ ଅଭିଯୋଗ କ୍ରମେ ଧୂଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ ହୋଇଛି।

## ବସ୍‌ରେ ଲାଗିଲା ନିଆଁ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ବାଲେଶ୍ୱର ଅଫିସ, ୧୧।୧:** ବାଲେଶ୍ୱର ଜିଲା ରେମୁଣା ବ୍ଲକ ୬ନଂ. ଜାତୀୟ ରାଜପଥ ପଦ୍ମପୁର ନିକଟରେ ଏକ ଯାତ୍ରୀବାହୀ ବସ୍ ଶତାଧିକ ଯାତ୍ରୀ ନେଇ ଯାଉଥିବାବେଳେ ଶନିବାର ସନ୍ଧ୍ୟାରେ ହଠାତ୍ ନିଆଁ ଲାଗିଯାଇଥିଲା।

ବାଲେଶ୍ୱର ବସ୍‌ଷ୍ଟାଣ୍ଡରୁ ବସ୍ ବାହାରି ବାରିପଦା ଅଭିମୁଖେ ଯାଉଥିବା ବେଳେ ପଦ୍ମପୁର ନିକଟରେ ବସ୍‌ରେ ନିଆଁ ଲାଗିଯାଇଥିଲା। ବସ୍ ଭିତରେ ଧୂଆଁ ଭର୍ତ୍ତି ହୋଇଯିବାରୁ ଡ୍ରାଇଭର ଏବଂ ହେଲପର ବସ୍‌ରେ ନିଆଁ ଲାଗିଥିବା ଜାଣିପାରିଥିଲେ। ବସ୍‌କୁ ଅଟକାଇବା ସହ ଯାତ୍ରୀମାନେ ବସ୍‌ର ଝରକା କାଚକୁ ଭାଙ୍ଗି ବାହାରକୁ ବାହାରିଥିଲେ। ଯାତ୍ରୀମାନେ ଭୟଭୀତ ହୋଇ ଠେଲାପେଲା ହେବାରୁ ବହୁ ମହିଳା, ଶିଶୁ ଓ ବୃଦ୍ଧାବୃଦ୍ଧମାନେ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ, ବସ୍ କର୍ମଚାରୀ ଓ ଯାତ୍ରୀମାନଙ୍କ ମିଳିତ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା। କୌଣସି ଯାତ୍ରୀଙ୍କର ମୃତ୍ୟୁବରଣ ହୋଇ ନ ଥିବା ବେଳେ ଓଭରଲୋଡ଼ିଂ ଯୋଗୁ ଟାୟାର୍‌ରେ ନିଆଁ ଲାଗି ଯାଇଥିବା ଆଶଙ୍କା କରାଯାଉଛି।

## କାର୍ଯ୍ୟରତ କନଷ୍ଟେବଲଙ୍କ ମୃତ୍ୟୁ

**ବାଲେଶ୍ୱର ଅଫିସ, ୧୧।୧:** ବାଲେଶ୍ୱର ରିଜର୍ଭ ପୋଲିସରେ କାର୍ଯ୍ୟ କରୁଥିବା କନଷ୍ଟେବଲ ଶଶିକାନ୍ତ ପାଣିଗ୍ରାହୀ (୫୨) ଶନିବାର ଡ୍ୟୁଟିରେ ଥିବାବେଳେ ହଠାତ୍ ମୃତ୍ୟୁବରଣ କରିଛନ୍ତି। ତାଙ୍କ ମୃତ୍ୟୁରେ ଜିଲା ପୋଲିସ ପ୍ରଶାସନରେ ଶୋକର ଛାୟା ଖେଳିଯାଇଛି। ସେ ଅପରାହ୍ନରେ ହଠାତ୍ ତାଙ୍କର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସହକର୍ମୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୮୬ ମସିହାରୁ ପାଣିଗ୍ରାହୀ ପୋଲିସ୍ ବିଭାଗରେ ଯୋଗଦେଇ ଦୀର୍ଘ ୩୪ବର୍ଷ ଧରି ସେବା କରିଆସିଥିଲେ। ସେ ଜଣେ ଧର୍ମପରାୟଣ, ନିଷ୍ଠାପର, ମେଳାପୀ ଥିବାରୁ ତାଙ୍କ ପାଇଁ ଶତାଧିକ ସହକର୍ମୀ ଓ ପ୍ରଶାସନ ଅଧିକାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ତୁଷାରକାନ୍ତ ଜେନା, ଆର୍‌ଆଇ ଦିଲୀପ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୋକସଭା ହେବା ସହ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିଲେ।

## ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ବଡସାହି, ୧୧।୧(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଟୁଣାଗମ୍ଭାରିଆ ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଅଭିଯୁକ୍ତ ଜଗା ସିଂ(୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୫ତାରିଖରେ ଯୁବକ ଜଣକ ଘରେ ପଶି ବଳପୂର୍ବକ ମହିଳାଙ୍କୁ ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୬/୨୦)ରୁଜୁ କରି ତଦନ୍ତ କରିବା ପାରେ ଅଭିଯୁକ୍ତଙ୍କ ଗିରଫ କରିଛି। ଉଭୟଙ୍କୁ ଡାକ୍ତରୀ ମାଇନା କରାଯାଇଥିବା ପୋଲିସ ସୂଚନା ଦେଇଛି।















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକଙ୍କ ଜୀବନ ଗଲା

**ଆନନ୍ଦପୁର,୧୧।୧(ସ୍ୱ.ପ୍ର.)**- ଆନନ୍ଦପୁର ଥାନା ଛତ୍ରକଣା ଗ୍ରାମର ମୁନା ନାୟକ ନାମକ ଜଣେ ଯୁବକଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ସାଇକେଲରେ ଯାଉଥିବା ସମୟରେ ଖଡିପାଳ ପୋଲ ନିକଟରେ କୌଣସି କାରଣରୁ ସାଇକେଲରୁ ଓହ୍ଲାଇ ପଡିଥିଲେ। ସେହି ସମୟରେ ରାସ୍ତାରେ ଯାଉଥିବା ଏକ ଚନ୍ଦନ ବୋଡା ସାପଟି ତାଙ୍କୁ କାମୁଡି ଦେଇଥିଲା। ସେ ଅଚେତ ହୋଇପଡିଯିବା ଦେଖିବା ପରେ ସ୍ଥାନୀୟ କେତେକ ଲୋକଙ୍କ ଉଦ୍ୟମରେ ତାଙ୍କୁ ୧୦୮ ଆମ୍ବୁଲାନସ ଯୋଗେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଲ୍ୟାମ୍ପସର ବାର୍ଷିକ ସାଧାରଣ ବୈଠକ

**ଝୁମ୍ପୁରା, ୧୧।୧(ଡି.ଏନ.ଏ.)**- ଝୁମ୍ପୁରା ବୃହଦାଗାର ବହୁମୁଖୀ ସମବାୟ ସମିତି ଲିଃ (ଲ୍ୟାମ୍ପସ)ର ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପସର ସଭାପତି ଉମ୍ବରୁଧର ନାଏକ ବୈଠକରେ ଅଧକ୍ଷତା କରିଥିବାବେଳେ ଲ୍ୟାମ୍ପସ ପରିଚାଳିକା ସସ୍ମିତା ପ୍ରଧାନ, କେସିସି ବ୍ୟାଙ୍କ ମ୍ୟାନେଜର ଇନ୍ଦ୍ରାଣୀ ପାଢୀ, ସୁପରଭାଇଜର ରାମଚନ୍ଦ୍ର ମହାକୁଡ, ହିସାବ ରକ୍ଷକ ରଘୁନାଥ ମହାନ୍ତଙ୍କ ସହିତ ୩୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ଚାଷୀମାନଙ୍କ ସହିତ ଓତଃପ୍ରୋତ ଭାବେ ଜଡିତ ଝୁମ୍ପୁରା ଲ୍ୟାମ୍ପସର ସାଧାରଣ ବୈଠକ ବେଶ ଦୀର୍ଘ ସମୟ ଧରି ଚାଲିଥିଲା। ହିସାବ ରକ୍ଷକ ରଘୁନାଥ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଚାଷୀଙ୍କର ଆନୁଷଙ୍ଗିକ ସମସ୍ୟା ଧାନର ମୂଲ୍ୟ, ଧାନମଣ୍ଡି ବିଷୟ ତଥା ସରକାରଙ୍କ ଚାଷୀଙ୍କ ପ୍ରତି ପ୍ରୋତ୍ସାହନ ଯୋଜନା ସମ୍ବନ୍ଧରେ ଉପସ୍ଥିତ ଥିବା ଚାଷୀ ଅନୁବ୍ରତ ବେହେରା, ଗଙ୍ଗାଧର ସାଏ, ପଞ୍ଚାନନ ସାହୁ, ଉମାକାନ୍ତ ମହାନ୍ତ, ପ୍ରତାପ ନାଏକ ପ୍ରମୁଖ ଜାଣିବା ପାଇଁ ଆଲୋଚନାରେ ଭାଗ ନେଇଥିଲେ। ଏଆରସିଏସ ସରୋଜିନୀ ଜେନା ଅନୁପସ୍ଥିତ ରହିଥିବାରୁ ବହୁ ଚାଷୀ ସେମାନେ କରିଥିବା ପ୍ରଶ୍ନର ଉତ୍ତର ପାଇ ପାରି ନ ଥିଲେ। ଲ୍ୟାମ୍ପସର ପରିଚାଳିକା ସସ୍ମିତା ପ୍ରଧାନ ଚାଷୀଙ୍କର କିଛି ପ୍ରଶ୍ନର ଉତ୍ତର ଦେବା ସହିତ ଆଗକୁ ଲ୍ୟାମ୍ପସର ତଥା ଚାଷୀଙ୍କର ଉନ୍ନତି ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡିକ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ।

### ସରକାରୀ ସହାୟତା ଆଶାରେ ଆଶାମଣି

**ଚମ୍ପୁଆ, ୧୧।୧(ଡି.ଏନ.ଏ.)**- ସରକାର ଅସହାୟ ଓ ଆର୍ଥିକ ଦୁର୍ବଳଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରୁଛନ୍ତି। କିନ୍ତୁ ପ୍ରକୃତ ହିତାଧିକାରୀ ଏସବୁ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳର ପଡୁଆ ପଞ୍ଚାୟତ ଅଧୀନ ବାଲିପଶି ଗ୍ରାମରେ ଆଶାମଣି ମୁଣ୍ଡା ନାମ୍ନୀ ଜଣେ ମହିଳା ଏବେ ଦୁଇ ଶିଶୁଙ୍କ ସହ ଅସହାୟ ଅବସ୍ଥାରେ ଦିନ ବିତାଉଛନ୍ତି। ପର ଘରେ କାମ କରି କୌଣସି ପ୍ରକାରେ ପେଟ ପୋଷୁଛନ୍ତି। ଆଶାମଣି କହିଛନ୍ତି, ୭ ବର୍ଷ ତଳେ ସେ ନିଜ ପଞ୍ଚାୟତର ବାଙ୍ଗିରିପୋଶି ଗ୍ରାମରେ ରଞ୍ଜନ ମୁଣ୍ଡାଙ୍କୁ ବିବାହ କରିଥିଲେ। ବିବାହର କିଛିବର୍ଷ ପରେ ଦୁରାରୋଗ୍ୟ ବ୍ୟାଧିରେ ରଞ୍ଜନ ପ୍ରାଣ ହରାଇବାରୁ ସେ ଅସହାୟ ହୋଇପଡିଥିଲେ। ବଞ୍ଚିବା ଲାଗି ଅନ୍ୟ ଉପାୟ ନ ପାଇ ସେ ୨ ଛୋଟ ପିଲାଙ୍କୁ ଧରି ବାପଘର ଗାଁକୁ ଫେରି ଆସିଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ତାଙ୍କୁ ଏବେ ମିଳୁଛି ୧୦ କେଜି ଚାଉଳ। ଯାହାକି ବଞ୍ଚିବା ଲାଗି ସାହାରା ପାଲଟିଛି। ଜାତୀୟ ପରିବାର ଯୋଜନାରେ ସହାୟତା ପାଇଁ ଆବେଦନ କରି ବହୁବାର ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଧାଇଁ ଥିଲେ ବି କୌଣସି ସୁଫଳ ପାଇ ପାରି ନାହାନ୍ତି। ଏ ସମ୍ପର୍କରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନାଭ ବେହେରାଙ୍କୁ ପଚାରିବାରୁ କେଉଁ କାରଣ ପାଇଁ ଆଶାମଣି ଯୋଜାନାରୁ ବଞ୍ଚିତ ହୋଇଛନ୍ତି, ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଚାରି ସେ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି।



# ନାବାଳିକାଙ୍କୁ ମାରିବା ପରେ ଦନ୍ତା ହୋଇଛି ହିଂସ୍ର

- ଗାଁ କୁ ଗାଁ ବୁଲି ଭାଙ୍ଗୁଛି ଘରଦ୍ୱାର
- କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ପାଟଣା,୧୧।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଟେଣ୍ଡେରା ପଞ୍ଚାୟତ ହରିହରପୁର ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା କ୍ରମରେ ଏକ ଗୋଠ ଛଡା ଦନ୍ତାହାତୀ ୧୧ବର୍ଷର ଝିଅ ସୁବାସିନୀ ମହାନ୍ତଙ୍କୁ କଚାଡି ମାରିଦେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସାଙ୍ଗକୁ ଉତ୍ତେଜନା ସୃଷ୍ଟି ହୋଇଛି। ଶନିବାର ସକାଳେ ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ପାଟଣା ସାହାରପଡା ଦେଇ ଯାଇଥିବା ରାଞ୍ଚି ବିଜୟୱାଡା ୨୨୦ ନମ୍ବର ଜାତୀୟ ରାଜପଥର ବଡ଼ବିଲି ଛକ ନିକଟରେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଉତ୍ତ୍ୟକ୍ତ ଲୋକେ ସାହାରପଡା ତହସିଲଦାର ଲମ୍ବୋଦର ଖୁଣ୍ଟିଆଙ୍କୁ ଅଟକ ରଖିଥିଲେ। ଖବର ପାଇ ପାଟଣା ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ଘଟଣା ସ୍ଥଳରେ ପହଞ୍ଚି କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ଦେବାପରେ ରାସ୍ତା ରୋକୋ ପ୍ରତ୍ୟାହୃତ ହୋଇଥିଲା। ସୁବାସିନୀଙ୍କ ବାପା ସ୍ୱର୍ଗତ ରଘୁନାଥ



ହାତୀ ଭାଙ୍ଗିଥିବା ଘର ଆଗରେ ଜଣେ ମହିଳା।

ମହାନ୍ତ ୩ ବର୍ଷ ପୂର୍ବରୁ ବଜ୍ରପାତରେ ମୃତ୍ୟୁବରଣ କରିଥିଲେ। ତାଙ୍କ ମା' ଏକାକୀ ହୋଇଯାଇଥିବାବେଳେ କ୍ଷତି ପୂରଣ ଦାବିରେ ପରିବାର ଲୋକେ ସୁବାସିନୀଙ୍କର ମୃତଦେହ ବ୍ୟବଚ୍ଛେଦ କରାଇ ଦେଇନଥିଲେ। ତେବେ ରେଡକ୍ରସ ପକ୍ଷରୁ ୧୦ ହଜାର ଟଙ୍କା ଓ ବନ ବିଭାଗ ପକ୍ଷରୁ ୪୦ହଜାର ଟଙ୍କାର ସହାୟତା ରାଶି ଯୋଗାଇଦେବାର ପ୍ରତିଶୃତି ପାଇବା ପରେ ମୃତଦେହ ବ୍ୟବଚ୍ଛେଦ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶନିବାର ହୋଇଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨/୨୦) ରୁଜୁ ହୋଇଛି। ଶୁକ୍ରବାର ରାତିରେ ଏହି ଦନ୍ତା ହାତୀ ସୁବାସିନୀଙ୍କୁ କଚାଡି ମାରିବା ପରେ ଆହୁରି ଅଧିକ ହିଂସ୍ର ହୋଇ ଉଠିଛି। ଶୁକ୍ରବାର ବିଳମ୍ବିତ ରାତିରେ ଭଣ୍ଡାରୀବିଲା ଗ୍ରାମର ଭୀମସେନ ମହାନ୍ତ, ମେଦିନିପୁର ଗ୍ରାମର ପୁଷ୍ପଲତା ନାଏକ, ଗୁଲୁଦୀପଶିର ପିପୁନ ବାରିକ, ଦୀପ୍ତିମୟୀ ମହାନ୍ତ, ସରାସକୋଲା ତୁଳସୀପୁର ଗ୍ରାମର କୁଅଁର ମିରଖୋଜିଆ ଓ ବୃନ୍ଦାବନପୁରର ନଟ ନାଏକଙ୍କ ଘର ଭାଙ୍ଗିଦେବା ସହ ଧାନ ଚାଉଳ ଖାଇଯାଇଛି। ଡେପୁଟି ରେଞ୍ଜର ସ୍ୱରାଜ ପାତ୍ରଙ୍କ ସୂଚନା ଅନୁଯାୟୀ ସମ୍ପୃକ୍ତ ଦନ୍ତା ହାତୀଟି ପାଟଣା ସଂରକ୍ଷିତ ମାଧପୁର ଜଙ୍ଗଲରେ ରହିଛି। ବନ ବିଭାଗ କର୍ମଚାରୀ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରୁଛନ୍ତି। ବନ ବିଭାଗ ହାତୀ ଘଉଡାଇବାରେ ବିଫଳତା ଓ ନିଷ୍କ୍ରିୟତା ଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

## ବାହ୍ୟ ମଳମୁକ୍ତ ସହର ନେଇ ସର୍ବେକ୍ଷଣ

**ଯୋଡ଼ା, ୧୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ପୌରପାଳିକାକୁ ବାହ୍ୟ ମଳମୁକ୍ତ ସହର ଭାବେ ପୂର୍ବରୁ ପୁରସ୍କୃତ କରାଯାଇଥିଲା। ପୁନଃ ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ଗତ ୨ ତାରିଖ ଠାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟୋଜିତ ଏକ ତୃତୀୟପକ୍ଷ ଦ୍ୱାରା ଏନେଇ ସର୍ବେକ୍ଷଣ ଆରମ୍ଭ ହୋଇଛି। ଯାହାକି ଯୋଡା ପୌରପାଳିକା 'ଟୁ ପ୍ଲସ୍' ଭାବେ ବିବେଚିତ ହେବ। ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଇଯୋଶୀ କହିଛନ୍ତି ଯେ, ବାହ୍ୟ ମଳମୁକ୍ତ ସହର ଭାବେ ଯୋଡାକୁ ଗଢି ତୋଳିବା ପାଇଁ ଜନ ସଚେତନତା କରାଯାଉଛି। ସହରର ବିଭିନ୍ନ ସ୍ଥାନରେ ଅସ୍ଥାୟୀ ଶୌଚାଳୟର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ତେବେ ଖୋଲା ଜାଗାରେ ମଳତ୍ୟାଗ କରୁଥିବା ଲୋକଙ୍କ ଧରପଗଡ ପାଇଁ ୭ ଜଣିଆ ସ୍କ୍ୱାଡ ସହରର ବିଭିନ୍ନ ଅଞ୍ଚଳ ବୁଲୁଛନ୍ତି। ଏଯାବତ ୧୦ ଜଣଙ୍କଠାରୁ ୫ଶହ ଟଙ୍କା ଜରିମାନା ଆଦାୟ ହୋଇଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିୟୋଜିତ ଏହି ତୃତୀୟପକ୍ଷ ସର୍ବେକ୍ଷଣ ଦଳ ଯୋଡା ପୌରାଞ୍ଚଳର ସମସ୍ତ ଶୌଚାଳୟ ଓ ଅନ୍ୟାନ୍ୟ ଅଞ୍ଚଳକୁ କ୍ଷେତ୍ର ପରିଦର୍ଶନରେ ଯାଇ ସର୍ବେକ୍ଷଣ କରୁଛନ୍ତି।

## ତଳେ ବସି ପରୀକ୍ଷା ଦେଲେ ଛାତ୍ରୀଛାତ୍ର



ଶ୍ରେଣୀ ଗୃହରେ ତଳେ ବସି ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି।

**ତେଲକୋଇ, ୧୧।୧(ଡି.ଏନ.ଏ.)**

ତେଲକୋଇ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷା ହୋଇଛି। ଏଥିରେ ବ୍ଲକର ୪୭୯ ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅବ୍ୟବସ୍ଥାରେ ପରୀକ୍ଷା ଦେଇଛନ୍ତି। ଶ୍ରେଣୀ ଗୃହ ଅଭାବ, ଡେସ୍କ ବେଞ୍ଚର ଅଭାବ ଯୋଗୁ ଶ୍ରେଣୀ ଗୃହରେ ଦରି ପକାଇ ପରୀକ୍ଷା କରାଯାଉଥିବା ଯୋଗୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଅଭିଭାବକଙ୍କ କହିବାନୁଯାୟୀ ଏତେ ଛାତ୍ରୀଛାତ୍ରଙ୍କ ପାଇଁ ୨ଟି କେନ୍ଦ୍ର କରିଥିଲେ ଭଲ ହୋଇଥାନ୍ତା। ଏସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ କ୍ଷୀରୋଦ କୁମାରୀ ମହାନ୍ତଙ୍କୁ ପଚାରିବାରୁ ଆଉ ଏଭଳି ଅବ୍ୟବସ୍ଥା ହେବ ନାହିଁ। ଛାତ୍ରୀଛାତ୍ରଙ୍କ ସଂଖ୍ୟାକୁ ନେଇ ଅଧିକ କେନ୍ଦ୍ର ଆଗାମୀ ଦିନରେ କରାଯିବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ବେଆଇନ ନିଯୁକ୍ତି, ନୀତିନିୟମ ଉଲ୍ଲଂଘନ କାଳ ହେଲା

## ଲ୍ୟାମ୍ପ ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**କେନ୍ଦୁଝର, ୧୧।୧(ସ୍ୱ.ପ୍ର.)**

ଓଡ଼ିଶା ସମବାୟ ସମିତିର ନୀତିନିୟମକୁ ଉଲ୍ଲଂଘନ କରିବା ସହ ବେଆଇନ ଭାବେ ଜଣଙ୍କୁ ନିଯୁକ୍ତି ଦେବା ଓ ଏନେଇ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲେ ମଧ୍ୟ ସେହି ଆଦେଶକୁ ଅବମାନନା କରିବା ଅଭିଯୋଗରେ ପଳାଶପଙ୍ଗା ଲ୍ୟାମ୍ପ ସଭାପତି ପ୍ରେମାନନ୍ଦ ସିଂଙ୍କୁ ଡେପୁଟି ରେଜିଷ୍ଟ୍ରାର, କେନ୍ଦୁଝର ଡିଭିଜନ ୩ ବର୍ଷ ପାଇଁ କମିଟି ସଦସ୍ୟରୁ ହଟାଇ ଦେଇଛନ୍ତି। ଓଡିଶା ସମବାୟ ସମିତି ଆଇନ ୧୯୬୨ ଧାରା ୩୨(୫)(୮) ଅନୁଯାୟୀ ଚିଠି ନମ୍ବର ୧୪୨୯ ତା ୧୯।୧୨।୨୦୧୯ ରେ ଲ୍ୟାମ୍ପ ସଭାପତି ସିଂଙ୍କୁ ଅବଗତ କରାଯାଇଛି। ଗାଇଡ ଲାଇନ ଅନୁଯାୟୀ ପୁର୍ନବାର ସଂପୃକ୍ତ ବ୍ୟକ୍ତିଙ୍କୁ ନିଯୁକ୍ତି କରିବାକୁ ଚିଠି ନମ୍ବର ୧୦୬୪/୧୧।୧୦।୨୦୧୯ରେ କୁହାଯାଇଥିଲେ ହେଁ ସେ ପାଳନ ନ କରିବାରୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏନେଇ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସଭାପତି କାନନ ବିହାରୀ ପୋହି କହିଛନ୍ତି, ସମବାୟ ବିଭାଗର ନୀତିନିୟମକୁ ଖିଲାପ କରି ସଭାପତି ସିଂ ଜଣଙ୍କୁ ନିଯୁକ୍ତି ଦେଇଥିବାରୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ସୂଚନାଯୋଗ୍ୟ, ମେରିଟ ତାଲିକାରେ ପ୍ରଥମ ସ୍ଥାନରେ ଥିବା ଶିବଶଙ୍କର ସାହୁଙ୍କୁ ନିଯୁକ୍ତି ନ ଦେଇ ଦ୍ୱିତୀୟ ସ୍ଥାନରେ ଥିବା ଅଭୟ କୁମାର ପଲେଇଙ୍କୁ ନିଯୁକ୍ତି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହା ତଦନ୍ତ ବେଳେ ଜଣାପଡିଥିଲା। ସେହିପରି ଲ୍ୟାମ୍ପର ମିଟିଂ ବହିରେ ଲେଖାଯାଇଥିବା ରିଜଲ୍ୟୁଶନ ଠିକ ଭାବେ ଲେଖାଯାଇ ନ ଥିବା ତଦନ୍ତ ବେଳେ ଜଣାପଡିଥିଲା। ଏସବୁ ଅନିୟମିତତାକୁ ନେଇ କାରଣ ଦର୍ଶାଅ ନୋଟିସ ଇସ୍ୟୁ କରାଯାଇ ୨୧ ଦିନ ମଧ୍ୟରେ ଉତ୍ତର ଦେବାକୁ କୁହାଯାଇଥିଲା। ହେଲେ ସେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଉକ୍ତ ଚିଠିରୁ ଜଣାପଡିଛି।

### ଗୁରୁତର ଯୁବକଙ୍କୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ

**ଆନନ୍ଦପୁର, ୧୧।୧(ସ୍ୱ.ପ୍ର.)**

୫୩ନଂ ରାଜ୍ୟ ରାଜପଥ ବଞ୍ଚୋ ଛକ ନିକଟରେ ଜଣେ ଅଜଣା ଯୁବକ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇପଡିଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ସୂଚନା ପାଇ ଆନନ୍ଦପୁର ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆହତ ଯୁବକଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଖବର ଲେଖା ହେବା ବେଳକୁ ଅଜଣା ଯୁବକଙ୍କ ପରିଚୟ ମିଳିପାରିନାହିଁ।

## ୨୫ ଫୁଟ ତଳକୁ ଖସିଲା ବସ୍, ୬ଗୁରୁତର

**ତେଲକୋଇ, ୧୧।୧(ଡି.ଏନ.ଏ.)**

ତେଲକୋଇ ଥାନା ଅନ୍ତର୍ଗତ ବିଞ୍ଜବାହାଳ ଠାରେ ବାବାମଣୀ ଯାତ୍ରୀ ବାହୀ ବସ ଓଲଟି ୨୫ଫୁଟ ତଳେ ପଡିଯାଇଥିଲା। ତେବେ ଏହି ବସରେ ଥିବା କଣ୍ଡକ୍ଟର ସମେତ ୨ଜଣ ଶିଶୁ, ୨ଜଣ ମହିଳା ଓ ଜଣେ ପୁରୁଷ ଗୁରୁତର ହୋଇଛନ୍ତି। ତାଙ୍କୁ ତୁରନ୍ତ ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଡାକ୍ତରଖାନାକୁ ୧୦୮ ଆମ୍ବୁଲାନ୍ସ ଯୋଗେ ନିଆଯାଇ ଚିକିତ୍ସା କରାଯାଇଛି। ଘଟଣା ଅନୁଯାୟୀ ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ମୁଖ୍ୟାଳୟରୁ ବସ୍‌ଟି ବାହାରି ତେଲକୋଇ ଦେଇ ଦେବଗଡକୁ ଯାଉଥିଲା। ଉକ୍ତ ଗାଡିରେ ୪୦ଜଣ ଯାତ୍ରୀଙ୍କ ବ୍ୟବସ୍ଥା ଅଛି। ବସ୍‌ଟି ସେହି ରାସ୍ତାରେ ନୂଆ ଚାଲୁଥିବାରୁ ପ୍ରାୟ ଲୋକ ନ ଥିଲେ। ଶନିବାର ଏହି ଗାଡି ତେଲକୋଇ ବଜାର ଅଞ୍ଚଳରୁ ସକାଳ ୯ଘଟିକା ରେ ଛାଡିବା ପରେ ବିଂଜବାହାଳ ଗ୍ରାମରେ ପୋଲତଳକୁ ଭାରସାମ୍ୟ ହରାଇ ପଡିଯାଇଥିଲା। ଡ୍ରାଇଭରଙ୍କ ବେପରୁଆ ଗାଡି ଚଳାଣ ସହିତ ମଦ୍ୟପାନ କାରଣ ହୋଇଥିବା କୁହାଯାଉଛି। ଦୁର୍ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



ଦୁର୍ଘଟଣା ଘଟିଥିବା ଯାତ୍ରୀ ବାହୀ ବସ।

### ୨୦ ପଞ୍ଚାୟତର ବିଜେଡି ସଭାପତି ନିର୍ବାଚିତ

**ପାଟଣା, ୧୧।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ବିଜେଡି ପକ୍ଷରୁ ପଞ୍ଚାୟତ ସ୍ତରୀୟ ସାଙ୍ଗଠନିକ ନିର୍ବାଚନ ଚାକୁଣ୍ଡାପାଳ ପଞ୍ଚାୟତ ଜହ୍ନେଇ ପଶି ଠାରେ ଅନୁଷ୍ଠିତ ହୋଇଛି। ବ୍ଲକର ୨୦ଟି ପଞ୍ଚାୟତ ପାଇଁ ୨୦ ଜଣ ପଞ୍ଚାୟତ ସଭାପତି ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଜେଡି ନିର୍ବାଚନ ଅଧିକାରୀ ମିତ୍ରଭାନୁ ମହାନ୍ତଙ୍କ ସହ ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ପାଟଣା ବ୍ଲକ ଅଧକ୍ଷ ବିଶ୍ୱନାଥ ନାଏକ, ପ୍ରଶାନ୍ତ କୁମାର ଭଞ୍ଜ, ସୁରେଶ ସାହୁ, ନିତ୍ୟାନନ୍ଦ ମହାନ୍ତ ଓ ଅକ୍ରୁର ମହାନ୍ତ ପ୍ରମୁଖଙ୍କ ଉପସ୍ଥିତିରେ ନିର୍ବାଚନ ହୋଇଛି। ଏହି ତାଲିକା ଜିଲା ବିଜେଡି ନିର୍ବାଚନ ଅଧିକାରୀ ସଞ୍ଜୟ ମିଶ୍ରଙ୍କ ଅନୁମୋଦନ ପାଇଁ ପଠାଯାଇଥିବା ମିତ୍ରଭାନୁ ମହାନ୍ତ ସୂଚନା ଦେଇଛନ୍ତି।

### ସରକାରୀ ଅନୁଦାନ ହଡ଼ପ ଘଟଣା

## କାର୍ଯ୍ୟକାରୀ ହେଉନି ଜିଲାପାଳଙ୍କ ନିର୍ଦ୍ଦେଶ

**ହାଟଡିହୀ, ୧୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସୁଲଣ ଓ ସୋସୋ ପଞ୍ଚାୟତରେ ସରକାରୀ ଅନୁଦାନ ହଡପ ଘଟଣା ଜଣାପଡିବା ପରେ ଏ ନେଇ ୨ ପଞ୍ଚାୟତର ସରପଞ୍ଚ ଓ ସଂପୃକ୍ତ ପିଇଓଙ୍କ ବିରୋଧରେ ଥାନାରେ ଏତଲା ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡିପିଓ ତାଙ୍କ ଚିଠି ନଂ ୧୭୫୧/ତା ୨୯।୧୧।୨୦୧୯ରିଖ ଓ ୧୭୫୩/ତା ୨୯।୧୧।୨୦୧୯ରିଖରେ ଏହି ନିର୍ଦ୍ଦେଶ ଜାରି କରିଥିଲେ। କିନ୍ତୁ ଅଦ୍ୟାବଧି ଏତଲା ଦିଆଯାଇନି। ଏ ସମ୍ପର୍କରେ ଜିପିଓ ନବୀନ ଚନ୍ଦ୍ର ନାୟକ କହିଛନ୍ତି, ଆମେ ଜିଲା ଅଫିସରୁ ନିର୍ଦ୍ଦେଶ ପାଇଛୁ। ଏ ସମ୍ପର୍କରେ ଥାନାରେ ଏତଲା ଦେବା ପାଇଁ ବିଡିଓଙ୍କୁ କୁହାଯାଇଛି। ପରେ ରାଜ୍ୟ ସରକାରଙ୍କ ତରଫରୁ ସୁଲଣ ପଞ୍ଚାୟତର ସରପଞ୍ଚ ଅଳିଭା ପଲେଇଙ୍କୁ ନିଲମ୍ବିତ କରାଯାଇଥିଲା। କିନ୍ତୁ ସୋସୋ ପଞ୍ଚାୟତର ସରପଞ୍ଚ କାଞ୍ଚନ ନାୟକଙ୍କ ନାମରେ ସମାନ ଅଭିଯୋଗ ଥାଇ ବି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଏ ନେଇ ମାନବାଧିକାର କର୍ମୀ ହିମାଂଶୁ ଶେଖର ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅବଗତ କରିଥିବା ଜଣାପଡିଛି।

ଉପରୋକ୍ତ ୨ ପଞ୍ଚାୟତର ପିଇଓ ଭାବେ ବ୍ୟାସଦେବ ନାଏକ କାର୍ଯ୍ୟ କରୁଥିଲେ। ତାଙ୍କର ପାଟଣା ବ୍ଲକକୁ ବଦଳି ହୋଇଯାଇଥିଲା। ପରେ ୨ଜଣ ନୂଆ ପିଇଓ ଏହି ୨ ପଞ୍ଚାୟତରେ ଯୋଗଦେଇଥିଲେ। ସେମାନେ କାଗଜପତ୍ର ତନଖି କଲାବେଳେ ସରକାରୀ ଅନୁଦାନ ହଡପ ହୋଇଥିବା ଜାଣି ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ୪ଜଣିଆ ଟିମ୍ ଗଠନ କରାଯାଇ ଅର୍ଥ ହଡପ ଘଟଣାର ଯାଞ୍ଚ କରାଯାଇଥିଲା। ତଦନ୍ତ ପରେ ଅର୍ଥ ହଡପ ହୋଇଥିବା ଜଣାପଡିଥିଲା ଏବଂ ତଦନ୍ତକାରୀ ଟିମ୍ ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇଥିଲେ। ଏହି ରିପୋର୍ଟକୁ ଭିତ୍ତିକରି ପୂର୍ବତନ ପିଇଓ ବ୍ୟାସଦେବ ନାଏକଙ୍କୁ ଜିଲାପାଳଙ୍କ ଚିଠି ନଂ. ୧୬୯୨/୨୦।୧୧।୨୦୧୯ ରେ ନିଲମ୍ବିତ କରାଯାଇଥିଲା। ଏପରିକି ସଂପୃକ୍ତ ପିଇଓଙ୍କ ସମେତ ୨ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଏତଲା ଦାୟର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

### ଚିନ୍ତାମଣିଙ୍କ ସ୍ମୃତିଚାରଣ

**ପାଟଣା,୧୧।୧(ସ୍ୱ.ପ୍ର.)**

ପାଟଣା ବ୍ଲକ ବଡପାଟଣା ପଞ୍ଚାୟତ ସ୍ୱାମ ଶାସନର ଶତାୟୁ ପୁରୁଷ ଚିନ୍ତାମଣି ପତିଙ୍କର ଜାନୁୟାରୀ ୧ ତାରିଖ ସକାଳୁ ଦେହାନ୍ତ ଘଟିଥିଲା। ଶୁକ୍ରବାର ରାତିରେ ତାଙ୍କ ଏକଦଶାହ ଅବସରରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଚିନ୍ତାମଣି ଏକାଧାରରେ ଜଣେ ସୁଲେଖକ ଓ ବାଗ୍ମୀ ଥିଲେ ବୋଲି ଉପସ୍ଥିତ ବିଶିଷ୍ଟ ବ୍ୟକ୍ତି ମତ ପ୍ରକାଶ କରିଥିଲେ। ଆୟୋଜିତ ଶୋକସଭା ପ୍ରାରମ୍ଭରେ ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ ବେଦ ଓ ଗୀତା ପାଠ କରିବା ପରେ ଚିନ୍ତାମଣିଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଅବସର ପ୍ରାପ୍ତ ଶିକ୍ଷକ ପଞ୍ଚାନନ ଦାଶଙ୍କ ଅଧକ୍ଷତାରେ ସ୍ମୃତିସଭା ଆୟୋଜିତ ହୋଇଥିଲା। ସାମାଜିକ କର୍ମୀ ଅଜିତ କୁମାର ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା ଜରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବଳଭଦ୍ର କର, ପୂର୍ବତନ ପାଟଣା ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, କେନ୍ଦୁଝର ବ୍ରାହ୍ମଣ ମହାସଭାର ଉପସଭାପତି ରଘୁନାଥମିଶ୍ର, ଅବସର ପ୍ରାପ୍ତ ଅଧାପକ ଶମ୍ଭୁନାଥ ଦାଶ, ବ୍ରାହ୍ମଣ ମହାସଭାର ସଦସ୍ୟ କୃଷ୍ଣଚନ୍ଦ୍ର ମିଶ୍ର ଓ ଆଶିଷ ପତିପ୍ରମୁଖ ଚିନ୍ତାମଣିଙ୍କ ବହୁମୁଖୀ ପ୍ରତିଭା ଉପରେ ସ୍ମୃତି ଚାରଣ କରିଥିଲେ।

## 'ସୁରକ୍ଷିତ ରୁହନ୍ତୁ, ସୁଖୀ ରୁହନ୍ତୁ'

**୧୮ରୁ ଧରପଗଡ଼ ଜୋର୍‌ଦାର**

**ବଡବିଲ, ୧୧।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ଥାନା ପୋଲିସ ଓ ପରିବହନ ବିଭାଗ ମିଳିତ ଭାବେ ଶନିବାର ଠାରୁ ସଡକ ସୁରକ୍ଷା ସଚେତନତା ଆରମ୍ଭ କରିଛନ୍ତି। ଚଳିତ ମାସ ୧୧ ତାରିଖ ଠାରୁ ୧୭ ତାରିଖ ପର୍ଯ୍ୟନ୍ତ ୩୧ ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ହେଉଛି। ଏହି ଅବସରରେ ସ୍ଥାନୀୟ ପୋଲିସ ଓ ପରିବହନ ବିଭାଗର କର୍ମଚାରୀମାନେ ହେଲମେଟ ପରିଧାନ ସହ ଏକ ବାଇକ୍ ଶୋଭାଯାତ୍ରା କରି ସଚେତନତା ସୃଷ୍ଟି କରିଛନ୍ତି। ଏଥିସହିତ ବଡବିଲ କଲେଜରେ ଆୟୋଜିତ ଶିବିରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସୁରକ୍ଷିତ ରୁହନ୍ତୁ, ସୁଖୀ ରୁହନ୍ତୁ, ସ୍ଲୋଗାନ ଦେଇଛନ୍ତି। ଖୋଦ୍ ବଡବିଲ ଏସଡିପିଓ(ସବଡିଭିଜନାଲ ପୋଲିସ ଅଫିସର) ସତ୍ୟବିକାଶ ଭୂୟାଁ, ଥାନା ଇନ୍ସପେକ୍ଟର ସୁଶାନ୍ତ ଦାଶ, ଏମଭିଆଇ ରାଜେଶ ମହାପାତ୍ରଙ୍କ ସହ ଏଆରଟିଓ ମାନସ ସାହୁ ପୋଲିସ କର୍ମଚାରୀ ଓ ପରିବହନ ବିଭାଗୀୟ କର୍ମଚାରୀମାନେ ହେଲମେଟ ପରିଧାନ କରି ଏହି ବାଇକ ଶୋଭାଯାତ୍ରାରେ ପୁରୁଣା ବସଷ୍ଟାଣ୍ଡ, ବାଟାଛକ-ଭଦ୍ରାସାହି ଦେଇ ସହର ପରିକ୍ରମା କରିଛନ୍ତି। ବିଭିନ୍ନ ଛକ ଓ ଜନଗହଳିପୂର୍ଣ୍ଣ ସ୍ଥାନ ମାନଙ୍କରେ ଅଟକି ଜନସାଧାରଣଙ୍କୁ ସଡକ ସୁରକ୍ଷା ଓ ସଡକ ଆଇନ ବିଷୟରେ ଅବଗତ କରି ସଚେତନତା ସୃଷ୍ଟି କରାଯାଇଥିବା ଜଣାପଡିଛି। ପରେ ବଡବିଲ କଲେଜରେ ଆୟୋଜିତ ସଡକ ସୁରକ୍ଷା ସମ୍ପର୍କିତ ଶିବିରରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି। ଦୁଇଚକିଆ ଯାନରେ ଯାତାୟାତ ସମୟରେ ହେଲମେଟ ପରିଧାନ, ଚାରିଚକିଆ ଯାନରେ ଯାତାୟାତ ସମୟରେ ସିଟ ବେଲ୍ଟ ବ୍ୟବହାର, ଧାର୍ଯ୍ୟ ବେଗରେ ଯାନ ଚାଳନା, ମଦ୍ୟପାନ କରି ଯାନ ନ ଚଳାଇବା, ନିର୍ଦ୍ଧାରିତ ରାସ୍ତା ଓ ଦିଗରେ ଯାନ ଚାଳନା ଏବଂ ଓଭରଟେକ ନ କରିବାକୁ ଜନସାଧାରଣଙ୍କୁ ସଚେତନ କରିଛି ପ୍ରଶାସନ। ତେବେ ସଡକ ସୁରକ୍ଷା ସପ୍ତାହ ପାଳନ ପରେ ଅର୍ଥାତ ଆସନ୍ତା ୧୭ ତାରିଖ ପରେ ଜୋରଦାର ଧରପଗଡ ଆରମ୍ଭ ହେବ ବୋଲି ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### କେନ୍ଦୁଝରରେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ

# ଗଡ଼ିଲା ସଚେତନତା ରଥ

**କେନ୍ଦୁଝର,୧୧।୧ (ସ୍ୱ.ପ୍ର.)**




ସଡ଼କ ସୁରକ୍ଷା ପାଇଁ ଶୋଭାଯାତ୍ରା ମାଧମରେ ଛାତ୍ରୀଛାତ୍ର ସଚେତନ କରାଉଛନ୍ତି।

୩୧ତମ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ପରିପ୍ରେକ୍ଷୀରେ ଶନିବାର ସକାଳେ ଏକ ସଚେତନତା ଶୋଭାଯାତ୍ରା ଜିଲା ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସପ୍ତାହ ଜାନୁୟାରୀ ୧୧ ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ଆଶିଷ ଠାକରେ ଉଦ୍‌ବୋଧନ ଦେଇ ସଡ଼କ ସୁରକ୍ଷା ସଚେତନତାକୁ କେବଳ ସପ୍ତାହ ପାଳନରେ ସୀମିତ ନ ରଖି ବାସ୍ତବ କ୍ଷେତ୍ରରେ ନିଜେ ସଚେତନ ହୋଇ ଅନ୍ୟମାନଙ୍କୁ ଜାଗ୍ରତ କରାଇବା ଅଙ୍ଗୀକାର ନେଇ ସମସ୍ତେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ସଡ଼କ ଦୁର୍ଘଟଣା ଦ୍ୱାରା ଅନେକ ଧନଜୀବନ ନଷ୍ଟ ହେଉଛି। ଅନେକ କ୍ଷେତ୍ରରେ ଉଦାସୀନତା, ବେପରୁଆ ମନୋଭାବ, ମଦ୍ୟପାନ କରି ଏବଂ ଟ୍ରାଫିକ୍ ନିୟମ ଭାଙ୍ଗି ଗାଡ଼ି ଚଳାଇବା ହିଁ ଦୁର୍ଘଟଣାର କାରଣ ହେଉଛି। ଏହାଦ୍ୱାରା ଅମୂଲ୍ୟ ଜୀବନ ହାନୀ ହେଉଛି। ଅନେକ ପରିବାର ବେସାହାରା ହେଉଛନ୍ତି, ଦୁଃଖ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଣୁ ପ୍ରତ୍ୟେକ ବ୍ୟକ୍ତି ସତର୍କତା ଅବଲମ୍ବନ ପୂର୍ବକ ଯାନବାହନ ଚଳାଇବାକୁ ଜିଲାପାଳ ଠାକରେ ପରାମର୍ଶ ଦେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ନିବେଦନ କରିଥିଲେ। ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଜାରି ରଖାଯିବ ଏବଂ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ ବୋଲି ଜିଲାପାଳ ସୂଚନା ଦେବା ସହ କେନ୍ଦୁଝର ଜିଲାରେ ସଡ଼କ ସୁରକ୍ଷା ଅଭିଯାନକୁ ସଫଳ କରିବା ପାଇଁ ସମାଜର ସବୁ ବର୍ଗର ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଏହି ସମାରୋହରେ କେନ୍ଦୁଝର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପ୍ପୋ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଜୀବ ବାରିକ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲ୍ଲାର ବିଭିନ୍ନ ଅଂଚଳ ପରିକ୍ରମା କରି ଜନସାଧାରଣଙ୍କୁ ସଡ଼କ ସୁରକ୍ଷା ଏବଂ ଟ୍ରାଫିକ ନିୟମାବଳୀ ସମ୍ପର୍କରେ ସଚେତନ କରାଇବ। ଟାଉନ୍ ଥାନା ନିରୀକ୍ଷକ ସୋମନାଥ ଜେନା, ଅତିରିକ୍ତ ଆର୍‌ଟିଓ ହେମେନ୍ଦ୍ରନାଥ ନାଏକ, ଭାରପ୍ରାପ୍ତ ଏମ୍‌ଭିଆଇ କାହ୍ନୁଚରଣ ବାନରା, ଟ୍ରାଫିକ୍ ଇନ୍ସପେକ୍ଟର ଅମୀୟଭୂଷଣ ସେଠୀ, ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ସେକ୍‌ସନ୍ ଅଫିସର ହେମନ୍ତ ଦାଶ, ବରିଷ୍ଠ କର୍ମଚାରୀ ବିଚିତ୍ରାନନ୍ଦ ରାଉତ୍, ଭୀମସେନ ଜେନା, ଚିତରଂଜନ ମହାନ୍ତ, ବିଜୟ କୁମାର ମହାନ୍ତେ, ସନ୍ତୋଷ କୁମାର ପତି ପ୍ରମୁଖ ଉପରୋକ୍ତ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।